ଭାଲୁକାହୁଡ଼ି ଗ୍ରାମରେ କିଡ୍‌ନୀ ରୋଗ ଆତଙ୍କ

# ମାନବାଧିକାର କମିସନଙ୍କ ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ

ଯାଜପୁର, ୧୨।୧(ସମିସ)

କୋରେଇ ବ୍ଲକ୍ ଅନ୍ତର୍ଗତ ଭାଲୁକାହୁଡ଼ି ଗ୍ରାମରେ ଦେଖାଦେଇଥିବା କିଡ୍‌ନୀ ରୋଗ ଆତଙ୍କ ନେଇ ରାଜ୍ୟ ମାନବାଧିକାର କମିସନ ଉଦବେଗ ପ୍ରକାଶ କରିଛନ୍ତି। ଏଥିପାଇଁ କମିସନ ଯାଜପୁର ଜିଲ୍ଲାପାଳଙ୍କ ସହ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ରିପୋର୍ଟ ତଲବ କରିଥିବା ଜଣାପଡିଛି।

ସୂଚନା ମୁତାବକ, ଯାଜପୁର ଜିଲ୍ଲା କୋରେଇ ବ୍ଲକ୍ ବ୍ୟାସନଗର ତହସିଲ ଅଧୀନ ପାଟରଙ୍ଗା ପଞ୍ଚାୟତର ଗୋହିରାଗାଡ଼ିଆ ଗ୍ରାମରେ କିଡ୍‌ନୀ ରୋଗ ବ୍ୟାପି ଅକାଳରେ ଜୀବନ ଚାଲିଯାଉଥିବା ସମ୍ପର୍କରେ ସିଭିଲ ସୋସାଇଟ ଫୋରମର ସମ୍ପାଦକ ତଥା ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ର ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ହସ୍ତକ୍ଷେପ ଲୋଡିଥିଲେ। ଏଥିସହିତ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କୁ ଅବିଳମ୍ବେ ବିନାମୂଲ୍ୟରେ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ସହ କିଡ୍‌ନୀ ରୋଗରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ଦେବାକୁ ନିବେଦନ କରିଥିଲେ। ରାଜ୍ୟ ମାନବଧିକାର କମିସନର ଜଷ୍ଟିସ ଏସ ପୂଜାହାରି ଏହାକୁ ଗମ୍ଭୀରତାର ସହ ଗ୍ରହଣ କରି ୩୭୬୫୯/୨୦୨୪ରେ ମାମଲା ପଞ୍ଜୀକୃତ କରି ଆସନ୍ତା ମାର୍ଚ୍ଚ ୨୪ ତାରିଖ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର ମଙ୍ଗଳ ବିଭାଗ ଓ ଯାଜପୁର ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କରିଥିବା ଜଣାପଡିଛି।

ଅନ୍ୟପକ୍ଷରେ ଭାଲୁକୁହୁଡି ସାନ୍ତାଳି ବସ୍ତିରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜସ୍ମି ଟୁଡୁ, ସାଲଖୁ ବେସରା, ସୁନାକର ସୋରେନ, ଉଦୟନାଥ ମୁର୍ମୁ, ଚୈତନ୍ୟ ମୁର୍ମୁ ପାଙ୍ଗଲା ସାମାଡ଼, ଡୁମୁଣୀ ମୁର୍ମୁ ଓ ତାଙ୍କ ସ୍ୱାମୀ ମୃତ୍ୟୁବରଣ କରିଥିବାବେଳେ ବର୍ତ୍ତମାନ ୧୨ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଏକାଧିକ ଲୋକ ଏଯାବତ୍ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ସୁନିଶ୍ଚିତ ମୃତ୍ୟୁକୁ ଅପେକ୍ଷା କରିଥିବା ଦର୍ଶାଇ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ସହ ମୃତକଙ୍କୁ କ୍ଷତିପୂରଣ ଦାବିରେ ସିଭିଲ ସୋସାଇଟ ପକ୍ଷରୁ ବିଶ୍ୱନାଥ ପାତ୍ର ଓଏଚ୍‌ଆରସିରେ ମାମଲା ରୁଜୁ କରି କମିସନଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

## ମା' ସୁବର୍ଣ୍ଣମୁଖୀ ଟ୍ରକ୍ ଓ ଟିପର ମାଲିକ ସଂଘର ସଫେଇ କାର୍ଯ୍ୟକ୍ରମ

**ଯାଜପୁର, ୧୨।୧(ସମିସ):** କିଆନାଳୀ ଛକ ନିକଟରେ ମା' ସୁବର୍ଣ୍ଣମୁଖୀ ଟ୍ରକ୍ ଓ ଟିପର ମାଲିକ ସଂଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ସଂଘର ସଭାପତି ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ସମ୍ପାଦକ ଲକ୍ଷ୍ମୀଧର ଜେନା, ଉପସଭାପତି ମାନସ ଧଳ, କୋଷାଧ୍ୟକ୍ଷ ଅଶୋକ ସାହୁଙ୍କ ସମେତ ସମସ୍ତ ସଭ୍ୟ ଏହି ସଫେଇରେ ସାମିଲ ହୋଇଥିଲେ। ଶୀତଦିନେ ପ୍ରଦୂଷଣ ଓ କୁହୁଡିରୁ ମୁକ୍ତି ପାଇବା ସହ ଯାଜପୁର ସହରକୁ କ୍ଲିନ ଓ ଗ୍ରୀନ ଯାଜପୁର ଭାବେ ଗଢ଼ି ତୋଳିବାକୁ ଏଭଳି ସଫେଇ କାର୍ଯ୍ୟ କରାଯାଉଛି।




ଏହି ଅଭିଯାନରେ ଯାଜପୁର କିଆନାଳୀ ଛକଠାରୁ ମାନସାପୋଲ ପର୍ଯ୍ୟନ୍ତ ରାସ୍ତାକୁ ସଫା କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ଇକବାଲ, କେଶବ ମହାନ୍ତି, ପ୍ରକାଶ ସାହୁ, କମଳାକାନ୍ତ ମାଝୀ, ଦୀପକ ମାଝୀ, ରାଜେଶ ରାଉତ, ମହେଶ୍ୱର ପଣ୍ଡା, ଶୁଭଙ୍କର ଧଳ, ପ୍ରଶାନ୍ତ ଦାସ, ଚନ୍ଦନ ସାମଲ, ସତ୍ୟଜିତ ସାହୁ, ସନ୍ତୋଷ ବର୍ଦ୍ଧନ, ରାଜକିଶୋର ମିଶ୍ର, ମନୋଜ ଦାସ, ଶକ୍ତିରଞ୍ଜନ ପରିଡା, ଶୁଭେନ୍ଦୁ ରାଉତ, ନାରାୟଣ ପଣ୍ଡା, ସୁଦର୍ଶନ ରଣା, ପୁରୁଷୋତ୍ତମ ପୃଷ୍ଟି, ଅରୁଣ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ସାଆଁଳାଶୁଣୀ ମେଳା ଓ ମହୋତ୍ସବ ପ୍ରସ୍ତୁତି ବୈଠକ



ପାଣିକୋଇଲ, ୧୨।୧(ସମିସ)

କୋରେଇ ବ୍ଲକ୍ ଅନ୍ତର୍ଗତ ରଣପୁର ପଞ୍ଚାୟତର ସାଆଁଳା (କଣ୍ଟାବଣିଆ) ଠାରେ ଥିବା ପ୍ରସିଦ୍ଧ ମା' ସାଆଁଳାଶୁଣୀଙ୍କ ବାର୍ଷିକ ମେଳା ଓ ମହୋତ୍ସବ ନିମନ୍ତେ ରବିବାର ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଦେବେନ୍ଦ୍ର ଘଡ଼ାଇଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସପି ପୁଷ୍ପଲତା ବାରିକ ଯୋଗଦେଇଥିଲେ। ବିଗତ ବର୍ଷ ଭଳି ଚଳିତ ବର୍ଷ ମେଳା ମହାସମାରୋହରେ ପାଳନ କରାଯିବା ସହ ପ୍ରଥମ କରି କମିଟି ପକ୍ଷରୁ ଅନୁଷ୍ଠିତ ମହୋତ୍ସବକୁ ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳାରେ କରିବା ଓ ମେଳା ସମୟରେ ମା'ଙ୍କ ସୁନା ଅଳଙ୍କାର କିପରି ନିରାପଦ ରହିବ, ସେଥିପ୍ରତି ବିଶେଷ ଆଲୋଚନା କରାଯାଇଥିଲା। ମେଳା ଓ ମହୋତ୍ସବକୁ ଶାନ୍ତିଶୃଙ୍ଖଳାରେ ପାଳନ କରାଯିବା ଓ ମେଳାରେ ଚୋରି, ରାହାଜାନୀ ଓ ଚୋରାମଦ କାରବାର ରୋକିବାକୁ ଅସ୍ଥାୟୀ ସିସି କ୍ୟାମେରା ଲଗାଇବା ଓ କମିଟିର କିଛି ସ୍ୱେଚ୍ଛାସେବୀ ପୁଲିସ୍ ପ୍ରଶାସନକୁ ସହଯୋଗ କରିବାକୁ ଶ୍ରୀମତୀ ବାରିକ ମତବ୍ୟକ୍ତ କରିଥିଲେ।

୧୪ ତାରିଖଠାରୁ ମେଳା ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୯ ତାରିଖରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଭଜନ ସନ୍ଧ୍ୟା, ଓଡ଼ିଶୀ ନୃତ୍ୟ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯିବା ସହ ୨୦ ତାରିଖରେ ମଣ୍ଟୁ ଛୁରିଆ, ୨୧ ତାରିଖରେ ହ୍ୟୁମାନ ସାଗର ଓ ୨୨ ତାରଖରେ ଅସୀମା ପଣ୍ଡାଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପି ଶିବାନୀ ଗଣନାଟ୍ୟ ଅପେରା ପରିବେଷଣ ହେବ ବୋଲି ମେଳା କମିଟିର ସଭାପତି ରାଧେଶ୍ୟାମ କର ସୂଚନା ଦେଇଛନ୍ତି। ପ୍ରସ୍ତୁତି ବୈଠକରେ କୋରେଇ ଥାନା କର୍ମଚାରୀଙ୍କ ସମେତ ହରେକୃଷ୍ଣ ବାରିକ, ବେଣୁଧର ମହାପାତ୍ର, ଗୋବର୍ଦ୍ଧନ କର, ଅଲେଖ ମହାପାତ୍ର, ଖଗେଶ୍ୱର ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର, ଯଦୁମଣି ଜେନା, ଦିବାକର ମହାପତ୍ର, ମାନସ ମହାପାତ୍ର, ଦେବଦତ୍ତ ଘଡା଼ଇ ପ୍ରମୁଖ ଉପସ୍ଥିତ ଥିଲେ।

## କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ




**ଶଙ୍ଖଚିଲା,୧୨।୧(ସମିସ):** ଆଜି ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସାରା ଦେଶ ପାଳନ କରିଥିବାବେଳେ ଶକ୍ତିଉତ୍ତୋଳନ ଆସୋସିଏସନ ପକ୍ଷରୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ ଓ ମେଡିକାଲ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡାକ୍ତର ଜିତେନ୍ଦ୍ର ସୋରେନ, ଡାକ୍ତର ଚିତ୍ରଲେଖା ମଲ୍ଲ, ସିନିୟର୍ ନର୍ସ ସ୍ୱାଗତିକା ଦାସ ଓ ସୁରଜ୍ ସାହୁ ଉପସ୍ଥିତ ଥିଲେ। ଏଥିସହ ସଂଘର ମୁଖ୍ୟ ଉପଦେଷ୍ଟା ଆଲୋକ ମହାନ୍ତି, ସଭାପତି ନୀଳମଣି କର, ସହସମ୍ପାଦକ ସନତ ଜେନା, ସଦସ୍ୟ ଜଗବନ୍ଧୁ ମଲ୍ଲିକ, ତପନ ନାୟକ, ରାଜେଶ ସାହୁ, ମହେଶ୍ୱର ରାଉତ, ମହମ୍ମଦ ତାଜିରୁଲ, ରାଜେନ୍ଦ୍ର ସାମଲ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏଭଳି ସମାଜସେବା ଜାରି ରହିବ ବୋଲି ସଂଘର ସମ୍ପାଦକ ରଞ୍ଜନ ବଳ କହିଥିଲେ।

## କୃଷକ ନେତା ଜଗନ୍ନାଥ ମିଶ୍ର ପରଲୋକ



**ପାଣିକୋଇଲି, ୧୨।୧ (ସମିସ):** କୃଷକ ଆନ୍ଦୋଳନର ଯୋଦ୍ଧା ସିପିଆଇଏମର ପୂର୍ବତନ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜଗନ୍ନାଥ ମିଶ୍ରଙ୍କ ପରଲୋକ ହୋଇଯାଇଛି। ସେ ବୃକକଜନିତ ରୋଗରେ ପୀଡ଼ିତ ଥାଇ ବ୍ରହ୍ମପୁରଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ମୃତ୍ୟୁରେ ଯାଜପୁର ଜିଲ୍ଲା ଭୁବନେଶ୍ୱରପୁର ସିପିଆଇଏମର ରକ୍ତ ପତାକାକୁ ଅର୍ଦ୍ଧନିମିତ କରାଯାଇ ସମ୍ମାନ ପ୍ରଦର୍ଶନ କରାଯିବା ସହିତ ଶୋକ ବାର୍ତ୍ତା ପ୍ରେରଣ କରାଯାଇଛି। ଆଞ୍ଚଳିକ କମିଟିର ସମ୍ପାଦକ ସୁରେଶ ସାହୁ, ଗଣେଶ ସାହୁ, ଅଭୟ ଓଝା, ବ୍ରହ୍ମାନନ୍ଦ ବାରିକ, ପ୍ରତ୍ୟୁଷ ସାହୁ, ଅନନ୍ତ ସାହୁ, ସୁବ୍ରତ ଜେନା, ନରେନ୍ଦ୍ର ସାହୁ, ସିପିଆଇଏମ ଜିଲ୍ଲା ସମ୍ପାଦକ ଡାକ୍ତର ନିର୍ମଳ ରଥ ଓ ଜିଲ୍ଲା କମିଟି ସଦସ୍ୟ ସୁରେଶ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ମକର ମେଳା ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

**ପାଣିକୋଇଲି, ୧୨।୧(ସମିସ):** କୋରେଇ ବ୍ଲକ୍ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସୋତି ଓ ଜହ୍ନା ପଞ୍ଚାୟତ ଅନ୍ତର୍ଗତ ନରପଦା ଗ୍ରାମ ମଧ୍ୟଭାଗରେ ଥିବା ମା' ଅଲେଇୁଣୀଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମକର ମେଳା ଚଳିତ ମାସ ୧୪ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ଦିନ ସମାପନ ହେବ। ଏହି ମେଳା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୪ ତାରିଖ ଦିନ ଅଙ୍କୁରାରୋପଣ ଅଧିବାସ, ଯଜ୍ଞାରମ୍ଭ, ୧୫ ତାରିଖ ଦିନ ସୂର୍ଯ୍ୟପୂଜା, ୧୬ ତାରିଖ ଦିନ ପୂର୍ଣ୍ଣାହୁତି ହେବ। ଉକ୍ତ ମେଳାରେ ଗୋଳେଇପୁର, ଜହ୍ନା ସମେତ ପାଣିକୋଇଲି, ବଡ଼ବିରୁହାଁ ଆଦି ପଞ୍ଚାୟତର ବହୁ ଜନସମାଗମ ହୁଅନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବୈଠକରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବୈଠକରେ ସଭାପତି ପ୍ରଦୀପ ଖଣ୍ଡାଇ, ପ୍ରୀତିରଂଜନ ସାହୁ, ସୋମନାଥ ସାହୁ, ହରେକୃଷ୍ଣ ସାହୁ, ନିତ୍ୟାନନ୍ଦ ଦାଶ, ପ୍ରଫୁଲ୍ଲ ମାଝୀ, ଚନ୍ଦ୍ରକାନ୍ତ ଖଣ୍ଡାଇ, ରବୀନ୍ଦ୍ର ସେଠୀ, ନୃସିଂହ ପଣ୍ଡା, କୀର୍ତ୍ତନ ମହାପାତ୍ର, ସତ୍ୟାନନ୍ଦ ମହାପାତ୍ର, ଧନେଶ୍ୱର ବୋଇତାଇ, ଅଲେଖ ସାହୁ, ପ୍ରମୋଦ ଦଳାଇ, ଶେଷଦେବ ବାରିକ, ପ୍ରମୋଦ ପଣ୍ଡା, ପୁରଞ୍ଜନ ପଣ୍ଡା, ବଳରାମ ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶ୍ୱରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଜ୍ଞା ପ୍ରଣୟୀ ଶିକ୍ଷା ନିକେତନର ବାର୍ଷିକ କ୍ରୀଡ଼ା

**ମଙ୍ଗଳପୁର, ୧୨।୧(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥ ପ୍ରଜ୍ଞା ପ୍ରଣୟୀ ଶିକ୍ଷା ନିକେତନର ବାର୍ଷିକ କ୍ରୀଡ଼ା ପାଲଟପୁର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପାଲଟପୁର ସରପଞ୍ଚ ଲିପିକା ମଲିକ କ୍ରୀଡ଼ାକୁ ଉଦଘାଟନ କରିଥିଲେ। ଦୌଡ, ସଂଗୀତ, ନୃତ୍ୟ, ଅଭିନୟ, ବେଙ୍ଗଡ଼ିଆ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ରୀନାରାଣୀ ରାଉତ ଓ ଇତିବ୍ରତ ମଲିକ ଖେଳ ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱଜିତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ



ଉତ୍ସବରେ ସମ୍ମାନିତ ଅତିଥି ସମାଜସେବୀ ରଞ୍ଜନ ପଣ୍ଡା, ଅବସରପ୍ରାପ୍ତ ସେନା ଅଧିକାରୀ ଶରତ ମହାନ୍ତି, ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର ମୁଦୁଲି, ସାମ୍ବାଦିକ ଚନ୍ଦ୍ରଶେଖର ସାହୁ, ବିଦ୍ୟାଳୟର ପ୍ରତିଷ୍ଠାତା ନଳିନୀକାନ୍ତ ରାୟ, ସମ୍ପାଦିକା ସାରସ୍ୱତ ପ୍ରଜ୍ଞା ରାୟ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଗୀତା ପଲାଇ, ଅନୁପମା ମଲିକ, କାବେରୀ ଦାସ, ଜୟଶ୍ରୀ ଖୁଣ୍ଟିଆ, ରିଜୋନା ବେଗମ, ରଜନୀ ଜେନା, ସସ୍ମିତା ସେଠୀ, ପୂଜା ମଲିକ, ସୁମିତ୍ରା ସାହୁ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ତୃତୀୟ ଦିନରେ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘର ଧାରଣା

ବଡ଼ଚଣା, ୧୨।୧(ସମିସ)

ସୁକିନ୍ଦା କ୍ରୋମ୍ ଭ୍ୟାଲିରେ ମାଲ୍ ପରିବହନକୁ ନେଇ ଚାରୋଟି ଟ୍ରକ୍ ମାଲିକ ସଂଘ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ଟ୍ରକ୍ ମାଲିକ ସଂଘ ଧାରଣା ଆଜି ତୃତୀୟ ଦିନରେ ପହଞ୍ଚିଛି। ଧାରଣା ସ୍ଥଳରେ କୌଣସି ପ୍ରଶାସନିକ ଅଧିକାରୀ ନ ପହଞ୍ଚିବା ଯୋଗୁଁ ଟ୍ରକ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତକାଲି ବଡଚଣା ବିଧାୟକ ଅମର ନାୟକ ଧାରଣା ସ୍ଥଳରେ ପହଞ୍ଚି ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ଓ ଗାଡି ମାଲିକଙ୍କୁ ନୈତିକ ସମର୍ଥନ ଦେବା ସହ ଜିଲ୍ଲା ପ୍ରଶାସନ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ସହିତ ସମାଧାନର ବାଟ ବାହାର କରିବାକୁ ପରାମର୍ଶ ଦେଇଥିଲେ। ଆଜି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଧାରଣା ସ୍ଥଳରେ ପହଞ୍ଚି ଧାରଣାରତ ଗାଡ଼ି ମାଲିକଙ୍କୁ ଭେଟି ନୈତିକ ସମର୍ଥନ ଜଣାଇଥିଲେ। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ସଭାପତି ଓ ସମ୍ପାଦକ ଜଣାଇଛନ୍ତି।

## ଗ୍ରୀନ୍‌ଲ୍ୟାଣ୍ଡ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ବିଞ୍ଝାରପୁର,୧୨।୧(ସମିସ):** ବିଂଝାରପୁର ବ୍ଲକ୍ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତସ୍ଥ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରୀନଲ୍ୟାଣ୍ଡ ପବ୍ଲିକ ସ୍କୁଲର ନବମ ବାର୍ଷିକ ଉତ୍ସବ ଗିରିଜା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ୍ ଏମଆଇଏସ କୋଅଡିନେଟର ସତ୍ୟବ୍ରତ ପାଢୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡଃ ଶ୍ରୀ ହରି ଧଳ, ସମ୍ମାନିତ ଅତିଥି



ଭାବେ ବରୁଣେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରା, ଜିଲ୍ଲା ପରିଷଦ ସଭ୍ୟା ସୁନୀତା ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ କୁମାର ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପଦେୟ ପରାମର୍ଶ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀ ନାଟକ ମଞ୍ଚସ୍ଥ କରିଥିଲେ। ମାନସୀ ବେହେରା, ବିଦ୍ୟାଳୟର ସଭାପତି ରାଧାକାନ୍ତ ରଣା, ସମ୍ପାଦକ ଦୀପକ କର, କୋଷାଧ୍ୟକ୍ଷ ପର୍ଶୁରାମ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବିରିପଟା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କୟାଁଗୋଲା,୧୨।୧(ସମିସ):** ଦଶରଥପୁର ବ୍ଲକ୍ ବିରିପଟା ପଞ୍ଚାୟତସ୍ଥ ବିରିପଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବାଶିଷ ବେହେରାଙ୍କ ସଭାପତିତତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଗାୟତ୍ରୀ ନାୟକ ଯୋଗଦେଇ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀ ଶିକ୍ଷା ସହ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶାସ୍ତ୍ରିଜୀ ନୋଡାଲ ସାନକୁଁଆଲ ସାଧନା କେନ୍ଦ୍ର ସଂଯୋଜକ ଫିରୋଜ ଖାନ, ଶିକ୍ଷାବିତ୍ ପ୍ରମୋଦ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ଧଳ ଯୋଗଦେଇଥିଲେ। ଶିକ୍ଷକ ସତ୍ୟରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର



ପ୍ରଦାନ କରିଥିଲେ। ଶିକ୍ଷକ ଲାଲବିହାରୀ ଜେନା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଧୀରେନ୍ଦ୍ର କୁମାର ବିନ୍ଧାଣି, କ୍ରୀଡ଼ା ଶିକ୍ଷୟିତ୍ରୀ ଅନୀଷା ଦାସ, ସସ୍ମିତା ଜେନା, ଶିକ୍ଷୟିତ୍ରୀ ବୈଜୟନ୍ତୀ ସାମଲ, ନୀଳିମା ଜେନା, ରୋଜାଲିନ ରାୟ, ଶ୍ରଦ୍ଧାଞ୍ଜଳି ସାହୁ, ଶିକ୍ଷାକର୍ମୀ ଯମୁନା ବାଇ ସହଯୋଗ କରିଥିଲେ। ସିନିୟର୍ ବର୍ଗରେ ସୌମ୍ୟରଞ୍ଜନ ମହାନ୍ତି, ଅର୍ପିତା ବାରିକ, ଜୁନିୟର ବର୍ଗରେ ଶ୍ରୁତିରଞ୍ଜନ ଜେନା, ସଞ୍ଜନା ଡାଲି ଚାମ୍ପିଅନ୍ ହୋଇଥିଲେ।

## ମା' ହିଙ୍ଗୁଳା ଫୁଟ୍‌ବଲ; ଧନପୁର ଚାମ୍ପିଅନ୍

**ପାଣିକୋଇଲି, ୧୨।୧(ସମିସ):** କୋରେଇ ବ୍ଲକ୍ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଟିନ୍ଦା ଗ୍ରାମରେ ମା' ହିଙ୍ଗୁଳା ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୮ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଓଟିନ୍ଦା ଓ ଧନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳ ଅମୀମାଂସିତ ଭାବେ ଶେଷ ହେବାରୁ ୪-୩ ଟାଇବ୍ରେକର ଗୋଲରେ ଧନପୁର ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଜିତେନ୍ଦ୍ର ବାରିକ, ଉତ୍ତମ ବାରିକ ଓ ପ୍ରଶାନ୍ତ କୁମାର ଖେଳ ପରିଚାଳନା କରିଥିବାବେଳେ ଶ୍ରୀକାନ୍ତ ଦାସ ସ୍କୋରର ଓ ଅଜୟ ଧଳ ଭାଷ୍ୟକାର ଥିଲେ। ଉଦ୍‌ଯାପନୀ ସଭାରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ଆଶୀର୍ବାଦ ଆଗ୍ରୋ ପ୍ରଡକ୍ଟର ମ୍ୟାନେଜର ଶରତ ଦାଶ, ପାଣିକୋଇଲି ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଅବଦୁଲ ସୟଦ ଅଲ୍ଲୀ, ପାଣିକୋଇଲି ହାଇସ୍କୁଲ ପରିଚାଳନା କମିଟି ସଭାପତି ପ୍ରେମେଶ ମହାକୁଡ, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଆୟୋଜକ କମିଟି ପକ୍ଷରୁ ରଜତ ବେହେରା, କରୁଣାକର ମଲିକ, ଅମୂଲ୍ୟ ମଲିକ, ଅଭୟ ମଲିକ, ସନ୍ତୋଷ ବାରିକ, ମହେନ୍ଦ୍ର ବେହେରା, ବଳରାମ ଜେନା, ସନାତନ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ମଲ୍ଲିକ, ଆଲୋକ ବେହେରା, ଜିତେନ୍ଦ୍ର ଭାରତୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।




# ଗୌଡ଼ସାହିରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉଦ୍‌ଘାଟିତ

ବିଞ୍ଝାରପୁର, ୧୨।୧ (ସମିସ)

ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଗୌଡସାହିଠାରେ ନୂତନ ଭାବେ ନିର୍ମାଣ ହୋଇଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି ସ୍ଥାନୀୟ ବିଧାୟିକା ତଥା ବିରୋଧି ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ନିଜ ଜନ୍ମ ମାଟିରେ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଉଦ୍‌ଘାଟନ କରି ବେଶ ଖୁସିବ୍ୟକ୍ତ କରିଥିଲେ ବିଧାୟିକା। ଏଥିସହ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ବିଧାୟିକା। ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଉପସ୍ଥିତ ରହି ମାଁସଡ଼ା ପଞ୍ଚାୟତର ବରିଷ୍ଠ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରେ ମାଁସଡ଼ା ପଞ୍ଚାୟତ ପକ୍ଷରୁ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ଆନନ୍ଦ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟିକା ଶ୍ରୀମତୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଏହା ହେଉଛି



ମୋର ଜନ୍ମ ମାଟି। ଆପଣମାନଙ୍କ ଆଶୀର୍ବାଦ ପାଇ ଆଜି ମୁଁ ଏ ସ୍ଥାନରେ ପହଞ୍ଚିପାରିଛି। ଏ କେନ୍ଦ୍ର ଆପଣମାନଙ୍କର। ଏଠାରୁ ଆପଣମାନେ ସୁବିଧା ସୁଯୋଗ ନେଇପାରିବେ। ସ୍ୱାସ୍ଥ୍ୟ ହିଁ ସମ୍ପଦ। ତେଣୁ ସ୍ୱାସ୍ଥ୍ୟଜନିତ ସମସ୍ତ ସମସ୍ୟା ପାଇଁ ଆପଣମାନେ ଏହି କେନ୍ଦ୍ରର ଲାଭ ଉଠାଇପାରିବେ ବୋଲି କହିଥିଲେ। ମୋ' ଜନ୍ମ ମାଟିର ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯାହା ଉନ୍ନତିମୂଳକ କାର୍ଯ୍ୟ କରିବାକୁ ହେବ, ତାହା ମୁଁ କରିବି ବୋଲି ମତ ପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗଦେଇ କହିଥିଲେ, ଆଜି ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରଟି ଆମର ପ୍ରିୟ ନେତ୍ରୀ ପୂର୍ବତନ ପ୍ରଥମ ମହିଳା ବାଚସ୍ପତିଙ୍କ ବହୁ ଉଦ୍ୟମ ଦ୍ୱାରା ନିର୍ମାଣ ହୋଇପାରିଛି। ଆମ୍ଭେମାନେ ମିଳିମିଶି ଏହି କେନ୍ଦ୍ରର ଯତ୍ନ ନେବା ସହ ଉପଯୁକ୍ତ ସେବା ଗ୍ରହଣ କଲେ ବିଧାୟିକା ନିଜକୁ ଧନ୍ୟ ମଣିବେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ସୁଶାନ୍ତ କୁମାର ମିଶ୍ର, ମାଁସଡା ସରପଞ୍ଚ କଳିକା ଦାସ, ଉପାଧ୍ୟକ୍ଷ ସେକ୍ ଏରସାଦ, ଡାକ୍ତର କ୍ଷିତୀଶ ନାୟକ, ବରିଷ୍ଠ ନାଗରିକ ଅକ୍ଷୟ କୁମାର ମହାନ୍ତି, ଗଙ୍ଗାଧର ମିଶ୍ର, ସମାଜସେବୀ ବୈରାଗୀ ଦାସ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ରଞ୍ଜନ ଜେନା ଓ ବିଞ୍ଝାରପୁର ଯୁବ ବିଜେଡି ବ୍ଲକ୍ ସଭାପତି ଦିଲ୍ଲୀପ କୁମାର ରାଉଳଙ୍କ ଉଦ୍ୟମ ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଶୀଘ୍ର କାର୍ଯ୍ୟକ୍ଷମ ହୋଇପାରିଥିବାରୁ ବିଧାୟିକା ଶ୍ରୀମତୀ ମଲ୍ଲିକ ତାଙ୍କୁ ପ୍ରଶଂସା କରିଥିଲେ।

## ସୁନା ଦୋକାନୀଙ୍କୁ ଆକ୍ରମଣ କରି ଛଡ଼ାଇନେଲେ ବ୍ୟାଗ୍

**ବ୍ୟାସନଗର, ୧୨ ।୧(ସମିସ):** ଯାଜପୁରରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଦଲା ବାଇପାସ୍ ଓଭରବ୍ରିଜ ଉପରେ ରବିବାର ରାତ୍ର ସମୟରେ ଜଣେ ସୁନା ଦୋକାନୀଙ୍କୁ ଆକ୍ରମଣ କରି ବ୍ୟାଗ୍ ଛଡ଼ାଇ ନେଇଛନ୍ତି ଦୁର୍ବୃତ୍ତ। ଯାଜପୁରରୋଡ୍ ସହରରେ ଥିବା ପୃଷ୍ଟି ଅଳଙ୍କାର ଜୁଏଲାରୀର ମାଲିକ ପ୍ରାୟ ୧୦ ଘଟିକା ସମୟରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ସମୟରେ ଦଲା ବାଇପାସ୍ ଓଭରବ୍ରିଜ ନିକଟରେ ହଠାତ୍ ୪ ଦୁର୍ବୃତ୍ତ ବାଇକରେ ଆସି ତାଙ୍କୁ ଆକ୍ରମଣ କରି ତାଙ୍କ ନିକଟରୁ ବ୍ୟାଗ ଛଡାଇ ନେଇଥିବା ଜଣାପଡ଼ିଛି। ଦୋକାନ ମାଲିକ ଆହତ ହୋଇଥିବା ସୂଚନା ମିଳିଛି। ବ୍ୟାଗ ଛଡାଇ ନେବା ପରେ ଦୁର୍ବୃତ୍ତମାନେ ଦୁଇଟି ବାଇକ୍‌ରେ ପାଣିକୋଇଲି ଆଡେ ଓ ଶଙ୍ଖଚିଲା ରାସ୍ତାରେ ପଳାଇଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି।

## ବାଇକ୍ ଧକ୍କାରେ ସାଇକଲ ଆରୋହୀ ମୃତ

**ଦାନଗଦି, ୧୨।୧(ସମିସ):** ଯାଜପୁରରୋଡ୍ ଥାନା ଅନ୍ତର୍ଗତ ଦାନଗଦି ମୁଖ୍ୟ ରାସ୍ତା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଏକ ବାଇକ୍ ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ସୋଲେଇ ଗ୍ରାମର ଅଭିରାମ ଦାଶ (୭୦)। ସେ ଆଜି ଅପରାହ୍ନରେ ସାଇକଲ ଯୋଗେ ଦାନଗଦିରୁ ମିଲିଟାରୀ ଛକ ଆଡ଼କୁ ଯାଉଥିବାବେଳେ ବାଇକ୍‌ରେ ଆସୁଥିବା ତିନିଜଣ ଯୁବକ ତାଙ୍କୁ ପଛରୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଛିଟିକି ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦାନଗଦି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଏନ୍‌ଏସି ସହ ଚୁକ୍ତି ବାତିଲ | କୃଷି ବିଭାଗକୁ ଫେରିଲା ସୁକିନ୍ଦା ବିହନ ଫାର୍ମ

**ଯାଜପୁର, ୧୨।୧(ସମିସ)**

ସୁକିନ୍ଦାରେ ଥିବା ବିହନ ଫାର୍ମ ଏବେ ରାଜ୍ୟ କୃଷି ବିଭାଗ ଅଧୀନରେ ରହିବ। ପୂର୍ବରୁ ଏହା ଜାତୀୟ ବିହନ ନିଗମ ଅଧୀନରେ ରହିଥିଲା। ଚୁକ୍ତି ବାତିଲ ହେବା ପରେ ଏହା ରାଜ୍ୟ କୃଷି ବିଭାଗ ଅଧୀନକୁ ପୂର୍ବପରି ଫେରିଥିବା ଜଣାପଡ଼ିଛି। ସୁକିନ୍ଦା ବିହନ ଫାର୍ମ ଶ୍ରମିକ ସଂଘ ଉପଦେଷ୍ଟା ବିଶ୍ୱନାଥ ପାତ୍ର ଓ ଶ୍ରମିକ ସଂଘର ନିରନ୍ତର ଆନ୍ଦୋଳନ ଫଳରେ ଫାର୍ମ ଚୁକ୍ତି ବାତିଲ କରିବାକୁ ବାଧ ହୋଇଥିବା ଜଣାଯାଇଛି।

ନ୍ୟାସନାଲ ସିଡସ କର୍ପୋରେସନ (ଏନଏସସି) ସହ ରାଜ୍ୟ କୃଷି ବିଭାଗ ୨୦୧୬ରେ ହସ୍ତାନ୍ତର ଚୁକ୍ତି କରି ବିହନ ଫାର୍ମକୁ ହସ୍ତାନ୍ତର କରିଥିଲା। ଏନଏସସି ସେତେବେଳେ ନିଜେ କାମ ନ କରି ଝାଡ଼ଖଣ୍ଡ ରାଜ୍ୟର ଗବିନ୍ଦ ଇଞ୍ଜିନିୟର ଠିକା ସଂସ୍ଥାକୁ ଟେକି ଦେଇ ଶ୍ରମିକ ଛଟେଇ କରି ଧାନଚାଷ ବନ୍ଦ କରି ଡାଲି ଜାତୀୟ ଫସଲ କରି ଶ୍ରମିକଙ୍କୁ କାର୍ଯ୍ୟରୁ ନିବୃତ୍ତ ରଖିବା ପରେ ସୁକିନ୍ଦା ବିହନ ଫାର୍ମ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଥିଲା। ଶ୍ରମିକ ସଂଘ ପକ୍ଷରୁ ବିଶ୍ୱନାଥ ପାତ୍ରଙ୍କ ନେତୃତ୍ୱରେ ବିହନ ଫାର୍ମଠାରୁ ରାଜଧାନୀ ପର୍ଯ୍ୟନ୍ତ ବରିଷ୍ଠ ସାମ୍ବାଦିକ ରବି ଦାସ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ବରିଷ୍ଠ ଆଇନଜୀବୀ କ୍ଷୀରୋଦ ରାଉତ, ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା, ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନଙ୍କ ସହ ବହୁ ନେତୃବର୍ଗଙ୍କ ସହଯୋଗରେ ଆନ୍ଦୋଳନ କରାଯାଇଥିଲା। ଶ୍ରମିକ ସଂଘ ସହ ସଂଘର ଉପଦେଷ୍ଟା ହାର ନ ମାନି ଗତ ଫେବୃଆରୀ ମାସରେ କୃଷି ସଚିବ ଅରବିନ୍ଦ ପାଢ଼ୀଙ୍କୁ ଭେଟି ହସ୍ତକ୍ଷେପ ଲୋଡ଼ିବା ପରେ ଏନଏସସି ସହ ହୋଇଥିବା ଚୁକ୍ତି ପାଇଁ ବାଟ ଫିଟିଥିଲା। କୃଷି ସଚିବଙ୍କୁ ବିଶ୍ୱନାଥ ପାତ୍ର ବାରମ୍ବାର ଭେଟି ଅଭିଯୋଗ ପରେ କୃଷି ବିଭାଗ ଏନଏସସିକୁ ତିନି ତିନିଥର ଚିଠି କରିଥିଲା। ଗତ ୮ ତାରିଖ ଦିନ ସିଡିଏଓ ଯାଜପୁର ଅରୁଣ ବେହେରା, ସୁକିନ୍ଦା ବିହନ ଫାର୍ମ ଓଭରସିଅରଙ୍କ ଉପସ୍ଥିତିରେ ଏନଏସସି କୋଲକାତାରୁ ଆସି ହସ୍ତାନ୍ତର ଚୁକ୍ତି ବାତିଲ କରି ବିହନ ଫାର୍ମକୁ ହସ୍ତାନ୍ତର କରିଥିଲେ। ଯାଜପୁର ସିଡିଏଓଙ୍କୁ ଏନଏସସି ୧୦୩/୨୦୨୫ରେ ହସ୍ତାନ୍ତର କରାଗଲା ବୋଲି ଆସିଷ୍ଟାଣ୍ଟ ଡାଇରେକ୍ଟର ଏଗ୍ରିକଲଚରଙ୍କୁ ଚିଠି କରାଯାଇ ବିହନ ଫାର୍ମକୁ ରାଜ୍ୟ କୃଷି ବିଭାଗ ଅଧୀନକୁ ପୂର୍ବପରି ଅଣାଯାଇଥିବା ସମ୍ପର୍କରେ ଯାଜପୁର ସିଡିଏଓ ଅରୁଣ କୁମାର ବେହେରା ସୂଚନା ଦେଇଛନ୍ତି। ବିହନ ଫାର୍ମରେ ପୂର୍ବପରି ଧାନ, ମୁଗ, ବିରି, ବାଜରା, ଚିନାବାଦାମ, ସୋରିଷ, ନଳିତା ଭଳି ଚାଷ କରାଗଲେ ସ୍ଥାନୀୟ ୨୦ରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକ ଉପକୃତ ହେବେ।




ଉଦୟଗିରି ପ୍ରଥମ ପଦ୍ମସମ୍ଭବ ବୌଦ୍ଧ ସମ୍ମିଳନୀ ଅବସରରେ ଶୋଭାଯାତ୍ରା

## ପୁଅର କଟୁରି ଚୋଟରେ ବାପା ଗୁରୁତର

**ବିଞ୍ଝାରପୁର, ୧୨।୧ (ସମିସ):** ବିଞ୍ଝାରପୁର ଥାନା ଅନ୍ତର୍ଗତ କଏଣାରଘୁନାଥପୁର ଅଞ୍ଚଳରେ ଜଣେ ପୁଲିସ ପୁଅର କଟୁରି ଚୋଟରେ ଅବସରପ୍ରାପ୍ତ ପୁଲିସ ବାପା ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ଘଟଣା ସମଗ୍ର ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ସୂଚନା ମୁତାବକ, ଏହି ଗ୍ରାମର ଅବସରପ୍ରାପ୍ତ ପୁଲିସ ଏସ୍‌ଆଇ ପାଣ୍ଡବ ଚରଣ ଜେନା (୮୮)ଙ୍କୁ ଆଜି ପୂର୍ବାହ୍ନ ୧୧ଟା ସମୟରେ ତାଙ୍କ ସାନପୁଅ ଲକ୍ଷ୍ମୀକାନ୍ତ ଜେନା (୪୫) କଟୁରିରେ ମରଣାନ୍ତ ଆକ୍ରମଣ କରିବା ସହିତ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ତେବେ ଏହି ଆକ୍ରମଣର କାରଣ ଅସ୍ପଷ୍ଟ ଥିବାବେଳେ ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଣ୍ଡବଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସହିତ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଆତଙ୍କ ସୃଷ୍ଟି କରିଥିବା ଲକ୍ଷ୍ମୀକାନ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ଲକ୍ଷ୍ମୀକାନ୍ତ ଆଟିବିପି (ଇଣ୍ଡୋ ତିବତୀୟାନ ବର୍ଡର ପୁଲିସ)ରେ କାର୍ଯ୍ୟରତ। ସେ କିଛିଦିନ ହେବ ଘରକୁ ଆସିଥିଲେ। ଆଜି ଲକ୍ଷ୍ମୀକାନ୍ତଙ୍କ ମା'ଙ୍କ ଶ୍ରଦ୍ଧବାର୍ଷିକୀ ରହିଥିଲା। ତେବେ ସକାଳୁ କୌଣସି କାରଣକୁ ନେଇ ଲକ୍ଷ୍ମୀକାନ୍ତ ତାଙ୍କ ବାପା ଅବସରପ୍ରାପ୍ତ ପୁଲିସ ଏସ୍‌ଆଇ ପାଣ୍ଡବ ଜେନାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ବିଞ୍ଝାରପୁର ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଲକ୍ଷ୍ମୀକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## କେନାଲରେ ପଡ଼ି ଷଣ୍ଢର ମୃତ୍ୟୁ

**ଦଶରଥପୁର, ୧୨।୧ (ସମିସ):** ଦଶରଥପୁର ଥାନା ସନ୍ନିକଟ ଗାୟତ୍ରୀ ମନ୍ଦିର ପାର୍ଶ୍ୱ କେନାଲ କଡ଼ରେ ଦୁଇଟି ଷଣ୍ଢ ଲଢ଼େଇ ଲାଗିବା ଫଳରେ ଗୋଟିଏ ଷଣ୍ଢ କେନାଲ ଭିତରକୁ ଖସି ପଡ଼ିଥିଲା। ଅନ୍ୟ ଷଣ୍ଢଟି ତାକୁ ଉଠିବାକୁ ନ ଦେଇ ମାରି ଚାଲିଥିଲା। କେନାଲରେ ପଡ଼ିଥିବା ଷଣ୍ଢଟି ମରିଯିବା ଭୟରେ ଶେଷକୁ ଅଗ୍ନିଶମ କର୍ମଚାରୀ ଓ ଦଶରଥପୁର ପଶୁ ଚିକିତ୍ସା କେନ୍ଦ୍ରକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ଗୁରୁତର ଆହତ ଷଣ୍ଢକୁ ଉଦ୍ଧାର କରିବା ପରେ ପଶୁ ଚିକିତ୍ସାଧିକାରୀ ଷଣ୍ଢର ଚିକିତ୍ସା କରିଥିଲେ। ଷଣ୍ଢର ସଙ୍କଟାପନ୍ନ ଅବସ୍ଥାକୁ ନେଇ ଷଣ୍ଢକୁ ଭୁବନେଶ୍ୱର ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଉଥିବାବେଳେ ଷଣ୍ଢଟି ମୃତ୍ୟୁବରଣ କରିଥିଲା। ସ୍ଥାନୀୟ ଅଞ୍ଚଳର ଯୁବ ସମାଜସେବୀ ବାସୁଦେବ ବେହେରା, ବିନୟ ରାୟ, ଜୀବନ ସିଂହ, ପଦ୍ମଲୋଚନ ଦାସ, ଜ୍ଞାନରଞ୍ଜନ ବେହେରା, ପ୍ରିୟରଞ୍ଜନ ବେହେରା, ସତ୍ୟରଞ୍ଜନ ପୁହାଣ, ଜଗବନ୍ଧୁ ଜେନା, ପପୁ ରାୟ, ରାଜହଂସ ଦାସ, ଗଣେଶ ଦାସ, ବୁବୁନା ମହାନ୍ତିଙ୍କ ସମେତ ବହୁ ଗ୍ରାମବାସୀ ଷଣ୍ଢକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ହିନ୍ଦୁ ରୀତିନୀତି ଅନୁଯାୟୀ ଶେଷକୃତ୍ୟ କରିଥିଲେ।

## ଯୁବ ଦିବସରେ ରକ୍ତଦାନ ଶିବିର



**ଯାଜପୁର, ୧୨।୧ (ସମିସ):** ଆଜି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଲଳିତେଶ୍ୱରସ୍ଥ ଅମ୍ବିକା ମଣ୍ଡପରେ ରାମକୃଷ୍ଣ ବିବେକାନନ୍ଦ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସ୍ୱାମୀ ଦେବେଶା ନନ୍ଦଜୀ ମହାରାଜ ଉଦ୍‌ଘାଟନ କରି ଆଜିର ଯୁବପିଢ଼ି ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଯଯାତି କେଶରୀ ଦାସ, ଯୁବ ନେତା ଭବପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଯାଜପୁର ପୌରାଞ୍ଚଳର ଯୁବକ, ସ୍ୱେଚ୍ଛାସେବୀ ଓ ଅଶୋକ ଦାସ ଫାଉଣ୍ଡେସନର ସଦସ୍ୟ ଯୋଗଦେଇ ୫୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତଦାନ କରିଥିଲେ।

## ସ୍କୁଲସ୍ତରୀୟ ବକ୍ତୃତା ପ୍ରତିଯୋଗିତା

**ଜାରକା, ୧୨।୧ (ସମିସ):** ଧର୍ମଶାଳା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ବୈରାଗୀ ଚରଣ ବିଶ୍ୱାଳଙ୍କ ସ୍ମୃତିରେ ଗଠିତ ସ୍ମୃତି କମିଟି ପକ୍ଷରୁ ସ୍କୁଲସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଜାରକାସ୍ଥ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଡଃ ପ୍ରଶାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା, ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ମମିତା ମହାନ୍ତି, କୃଷକ ନେତା ବସନ୍ତ ପରିଡ଼ା, ଅଜୟ ମହାପାତ୍ର ଯୋଗଦେଇ ବୈରାଗୀ ବିଶ୍ୱାଳଙ୍କ ସ୍ମୃତିରେ ଅନୁଷ୍ଠିତ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ସମାଜସେବୀ କାହ୍ନୁଚରଣ ଦାଶ ଓ କବି ସୁବାସ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ଜାରକା ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ କୀର୍ତ୍ତିପ୍ରଭା ଗୁଇଁ, ପାଟପୁର ଜଗାବଳିଆ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ସସ୍ମିତା ମଣ୍ଡଳ, ସୁନ୍ଦରିଆ ଉନ୍ନୀତ ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ରାଜଲକ୍ଷ୍ମୀ ପରିଡ଼ା ଓ ପଞ୍ଚମ ଶ୍ରେଣୀ ଛାତ୍ରୀ ତେଜସ୍ୱିନୀ ସାମଲ, ମିର୍ଜାପୁର ଶ୍ୟାମସୁନ୍ଦର ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଅଙ୍କିତା ମଲିକ, ଜାରକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସ୍ମୃତିମୟୀ ନାଥ ଓ ଜାଗୃତି ଶତପଥୀ କୃତିତ୍ୱ ହାସଲ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ଜାନୁଆରୀ ୧୫ ତାରିଖରେ ହେବାକୁ ଥିବା ସ୍ୱର୍ଗତ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ପୁରସ୍କୃତ କରାଯିବ।

## ଶ୍ରୀରାଧାମୋହନ ବିଦଗ୍ଧ ମହୋତ୍ସବ | ସତୀ ମନ୍ଦିର ନିର୍ମାଣ ପାଇଁ ବାବା ବଳିଆଙ୍କ ପ୍ରସ୍ତାବ

**ବରୀ, ୧୨ ।୧(ସମିସ):** ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମପୀଠ ବରୀ ବ୍ଲକର ଅଭିମନ୍ୟୁ ବାଲିଆଠାରେ ଶ୍ରୀରାଧାମୋହନ ବିଦଗ୍ଧ ମହୋତ୍ସବ ଆୟୋଜିତ ହୋଇଯାଇଛି। ପଦ୍ମଶ୍ରୀ ବାବା ବଳିଆ ଏହି ମହୋତ୍ସବରେ ଯୋଗ ଦେଇଥିଲେ। ପ୍ରାତଃ ୬ ଘଟିକାରୁ ରାଧାମୋହନଙ୍କ ମନ୍ଦିର ପ୍ରାଙ୍ଗଣରେ ନାମ ସଂକୀର୍ତ୍ତନ, ଘୃତଯଜ୍ଞ ସହିତ ରାଧାମୋହନ ଓ ମହାପୁରୁଷ ବିଦଗ୍ଧ କବିଙ୍କ ସମାଧୀଙ୍କୁ ଷୋଡଷ ଉପଚାର ସେବା ସମର୍ପଣ କରାଯାଇଥିଲା। ସନ୍ଧ୍ୟା ୬.୩୦ମି ସମୟରେ ବାବା ବଳିଆଙ୍କୁ ବାଲିଆ ହାଟ ଛକସ୍ଥ ମା' ଜାଗୁଲାଇ ମନ୍ଦିର ସନ୍ନିକଟରୁ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରାରେ ବାଲିଆ ଉଆସ ପର୍ଯ୍ୟନ୍ତ ଅଣାଯାଇଥିଲା। ଶହ ଶହ ଶ୍ରଦ୍ଧାଳୁଙ୍କୁ ବାବା ତାଙ୍କର ଆଶୀର୍ବଚନ ପ୍ରଦାନ କରିଥିଲେ। ପଦ୍ମଶ୍ରୀ ବାବା ବିଦଗ୍ଧ ରାଧାମୋହନ ତତ୍ତ୍ୱର ବିଶଦ ବାଖ୍ୟା କରି ଉପସ୍ଥିତ ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ତେବେ କଳିଯୁଗରେ ଓଡ଼ିଶାର ଜଣେ ଅନନ୍ୟ ସତୀ ନାରୀ ତଥା ବିଦଗ୍ଧ କବିଙ୍କ ପତ୍ନୀ ସତୀ ବିମଳାଙ୍କ ଉଦ୍ଦେଶ୍ୟରେ ଅଭିମନ୍ୟୁଙ୍କ ସମାଧୀ ପୀଠ ସନ୍ନିକଟରେ ସତୀ ମନ୍ଦିର ନିର୍ମାଣ ପାଇଁ ବାବା ପ୍ରସ୍ତାବ ଦେଇଥିଲେ।



ଏହି କାର୍ଯ୍ୟକ୍ରମକୁ ବିଦଗ୍ଧାର ନିର୍ଦ୍ଦେଶକ ଶରତ ଜେନା ପରିଚାଳନା କରିଥିବାବେଳେ ଅନନ୍ତ ବଳିଆ କନ୍‌ଷ୍ଟ୍ରକ୍‌ସନ ଏଣ୍ଡ ସପ୍ଲାୟର୍ସ ପକ୍ଷରୁ ସାମନ୍ତସିଂହାର ପରିବାରରୁ ଗତ ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡାକ୍ତରୀ ପଢୁଥିବା ଦୁଇ ସନ୍ତାନ ଶୁଭ୍ର ସନ୍ତୋଷ ଜେନା ଓ ଭାରତ ଗୌରବ ରାୟଙ୍କୁ ବାବା ବଳିଆ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଜୟନ୍ତୀ ଦେବୀ କନ୍‌ଷ୍ଟ୍ରକ୍‌ସନ ଏଣ୍ଡ ସପ୍ଲାୟର୍ସ ପକ୍ଷରୁ ଅନ୍ୟଜଣେ ସାମନ୍ତସିଂହାର ବଂଶୋଦ୍ଭବ ତଥା ବର୍ତ୍ତମାନର ଯାଜପୁର ରୁଡିଆ ଗ୍ରାମର କନ୍ୟା ସୁଶ୍ରୀ ଅଲିଭା ଜେନା ଗତ ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଓଏସ ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ରାଧାମୋହନ ରାୟ, ଦିଲ୍ଲୀପ ରାୟ, ବିଭୂତି ଭୂଷଣ ରାୟ, ସଂଗ୍ରାମ ରାୟ, ବସନ୍ତ ଜେନା, ବିଜେତା ରାୟ, ବିଭୂତି ଭୂଷଣ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

**ଯାଜପୁର ଟାଉନ, ୧୨ ।୧(ସମିସ):** ଗତକାଲି ବିଳମ୍ବିତ ରାତିରେ ଯାଜପୁର ଥାନା ବୈଦ୍ୟରାଜପୁର ପୋଲ ନିକଟରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ସ୍ଥାନୀୟ ନରହରିପୁର ଅଞ୍ଚଳର ପ୍ରମୋଦ ସାହୁ। ବିଳମ୍ବିତ ରାତିରେ ପ୍ରମୋଦ କାମ ସାରି ଘରକୁ ଫେରୁଥିବା ସମୟରେ ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପଠାଇ ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

## ସାପ କାମୁଡ଼ାରେ ଜଣେ ମୃତ

**ଜାରକା, ୧୨।୧(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ଗ୍ରାମରେ ଆଜି ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଏହି ଗ୍ରାମର ସନାତ ସେଠୀ (୫୦)। ସେ ଆଜି ପୂର୍ବାହ୍ନରେ ଶୌଚ ହେବାକୁ ପାଖ ଜଙ୍ଗଲକୁ ଯାଇଥିଲେ। ସେଠାରେ ଅଚେତ ଅବସ୍ଥାରେ ପଡ଼ିଥିବା କେତେକ ବ୍ୟକ୍ତି ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରବି ନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଦଶରଥପୁର, ୧୨।୧ (ସମିସ):** ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ କୁଆଁରପୁରଠାରେ ରାଜନେତା ତଥା ସମାଜସେବୀ ସ୍ୱର୍ଗତ ରବି ନାୟକଙ୍କ ସ୍ମୃତିରେ ଆୟୋଜିତ ରବି ନାୟକ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। କୁଆଁରପୁର ଯୁବ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଯାଜପୁର ଜିଲ୍ଲା ସମେତ ଭଦ୍ରକ, କଟକ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାର ପ୍ରମୁଖ କ୍ଲବ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭଦ୍ରକର ସାଲନ୍ଦୀ କ୍ରିକେଟ୍ କ୍ଲବ୍ ଇଞ୍ଜନପୁର କ୍ଲବ୍‌କୁ ହରାଇ ଅଭିଯାନ ଆରମ୍ଭ କରିଛି।

ଉଦ୍‌ଘାଟନୀ ଦିବସରେ ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ସମାଜସେବୀ କର୍ଣ୍ଣାଟକେରୀ ଦାସ ଯୋଗଦେଇ ସ୍ୱର୍ଗତ ରବି ନାୟକଙ୍କ ରାଜନୀତି ଓ ସମାଜସେବୀ ଉପରେ ଆଲୋକପାତ କରିବା ସହ ତାଙ୍କ ସ୍ମୃତିରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦ୍ୟୋକ୍ତାଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ପୂର୍ବତନ ସରପଞ୍ଚ ରମେଶ ଦାସ, ବରିଷ୍ଠ ସମାଜସେବୀ ଜୟନ୍ତ ନାୟକ, ଯୁବନେତା ଦୀପକ ଜେନା, ଧର୍ମରାଜ ଧୀର, ମନୋଜ ରାଉତ, ଫେଲୁ ମହାନ୍ତି, ଚନ୍ଦ୍ରକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଭଦ୍ରକର ସାଲନ୍ଦୀ କ୍ରିକେଟ୍ କ୍ଲବ୍ ଓ ଯାଜପୁରର ଇଞ୍ଜନପୁର କ୍ରିକେଟ୍ କ୍ଲବ୍ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ସାଲନ୍ଦୀ କ୍ରିକେଟ୍ କ୍ଲବ୍ ନିର୍ଦ୍ଧାରିତ ୨୦ ଓଭରରେ ୧୫୭ ରନ୍ କରିଥିଲା। ବିଜୟ ପାଇଁ ଆବଶ୍ୟକ ୧୫୮ ରନ୍‌ର ପିଛା କରି ଇଞ୍ଜନପୁର କ୍ରିକେଟ୍ କ୍ଲବ ସମସ୍ତ ୱିକେଟ୍ ହରାଇ ୧୪୫ ରନ୍ କରି ୧୨ ରନ୍‌ରେ ପରାସ୍ତ ହୋଇଥିଲା। ମନୋରଞ୍ଜନ ଦାସ ଓ ତପନ ଜେନା ଖେଳ ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ସାହୁ, ସିଲଭଦ୍ର ପଣ୍ଡା ଧାରା ବିବରଣୀ ଦେଇଥିଲେ।

## କୁଆଖିଆ ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ ପ୍ରସ୍ତୁତି

**କୁଆଖିଆ, ୧୨।୧ (ସମିସ):** ପ୍ରେସ୍ କ୍ଲବ୍ କୁଆଖିଆର ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ନିଗମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ କାଳନ୍ଦୀ ଚରଣ କଣ୍ଡ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କ୍ଲବ୍‌ର ସଭ୍ୟ ନବିକରଣ ନିମନ୍ତେ ମିଳିଥିବା ଯାଞ୍ଚ କମିଟି ରିପୋର୍ଟକୁ ଅନୁମୋଦନ କରାଯାଇ ପ୍ରେସ୍ କ୍ଲବ୍‌ର ୩୪ତମ ବାର୍ଷିକ ଉତ୍ସବ ପାଳନ ଓ ସାଂଗଠନିକ ଆଲୋଚନା ହୋଇଥିଲା। ଉତ୍ସବ ମାର୍ଚ୍ଚ ମାସରେ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ନେତା ସ୍ୱର୍ଗତ ପରମାନନ୍ଦ ମହାନ୍ତିଙ୍କ ଜନ୍ମତିଥିରେ କରାଯିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ବୈଠକରେ ବରିଷ୍ଠ ସଭ୍ୟ ଅମୂଲ୍ୟ ବରାଳ, ସହସମ୍ପାଦକ କୈଳାସ ମଲିକ, କୋଷାଧ୍ୟକ୍ଷ ପଦ୍ମଲୋଚନ ନାୟକ, ସଭ୍ୟ ଶୁଭେନ୍ଦୁ ସାମଲ, ଆଲୋକ ପତି, ସଞ୍ଜୀବ ସାହୁ, ସୁନୀଲ ମନୋହର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ହୀରାପୁରରେ ମେଗା ସ୍ୱାସ୍ଥ୍ୟ ଶିବିର



**ଦଶରଥପୁର, ୧୨।୧(ସମିସ):** ଦଶରଥପୁର ବ୍ଲକ ହୀରାପୁରସ୍ଥ ବୀରବସନ୍ତ ରାଉତରାୟ ବାଳିକା ବିଦ୍ୟାଳୟ ପରିସରରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବୀରଭଦ୍ର ରାଉତରାୟ ସ୍ମୃତି କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ କର୍ଣ୍ଣାଟକେଶରୀ ଦାସ ଓ ହୃଦ୍‌ରୋଗ ବଶେଷଜ୍ଞ ପ୍ରଫେସର ସତ୍ୟନାରାୟଣ ରାଉତରାୟ ପ୍ରମୁଖ ଯୋଗଦେଇ ଶିବିରର ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। କଟକ ମେଡିକାଲ କଲେଜ ଓ ଯାଜପୁର ଡିଏଚ୍‌ଏଚ୍‌ର ସ୍ତ୍ରୀ ଓ ପ୍ରସୂତି, ଭେଷଜ, ହୃଦ୍‌ରୋଗ, ସ୍ନାୟୁ, ଅସ୍ଥି, ଚକ୍ଷୁ, କର୍ଣ୍ଣ ଓ ନାଶା, ଶିଶୁ ବିଭାଗ, ଶ୍ରବଣ ଓ ବାକ୍ ରୋଗ ବିଶେଷଜ୍ଞ ଡାକ୍ତର ସତ୍ୟନାରାୟଣ ରାଉତରାୟ, ଡା. ସସ୍ମିତା ସ୍ୱାଇଁ, ଡା. ସାର୍ଥକ ନାରାୟଣ ରାଉତରାୟ, ଡା. ଏମ୍‌ଏମ୍ ସାହୁ, ଡା. ନିମାଇଁ ଚରଣ ନାୟକ, ଡା. ଶୁଭମ ରାୟ, ଡା. ପାର୍ଥ ଗୌତମ, ଡା. ଭବାନୀ ପଣ୍ଡା, ଡା. ସାଇପ୍ରିୟା ମିଶ୍ର ପ୍ରମୁଖ ଯୋଗଦେଇ ୧୫ ଶହରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ଔଷଧ ପ୍ରଦାନ କରାଯାଇଥିଲା। ସ୍ମୃତି କମିଟିର ବରିଷ୍ଠ କର୍ମକର୍ତ୍ତା ଅମୀୟ ଜେନାଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ଓ ସ୍ଥାନୀୟ ବାସିନ୍ଦା ଶିବିର ପରିଚାଳନା କରିଥିଲେ।

## ସାହିତ୍ୟ ଦର୍ପଣ ପତ୍ରିକାର ରଜତ ଜୟନ୍ତୀ | 'ବିଶ୍ୱ ଚେତନାର କଥା କହୁଥିବା ସାହିତ୍ୟ ହିଁ କାଳଜୟୀ'

**ଜାରକା, ୧୨।୧(ସମିସ)**

ସାହିତ୍ୟ ମାନବବାଦର କଥା କହେ। ବିଶ୍ୱ ଚେତନାର କଥା କହୁଥିବା ସାହିତ୍ୟ ହିଁ କାଳଜୟୀ ହୋଇଥାଏ ବୋଲି ସାହିତ୍ୟ ଦର୍ପଣ ପତ୍ରିକାର ରଜତ ଜୟନ୍ତୀ ଉତ୍ସବ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ଆଜି ଜାରକାସ୍ଥିତ ଧର୍ମଶାଳା କଲେଜ ପରିସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ସାହିତ୍ୟ ଦର୍ପଣ ପତ୍ରିକାର ରଜତ ଜୟନ୍ତୀ ଉତ୍ସବ ଅଧ୍ୟାପକ ତ୍ରିଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉଦ୍‌ଘାଟନ କରି ଜାତୀୟ ବିକାଶରେ ସାହିତ୍ୟିକଙ୍କ ଯଥେଷ୍ଟ ଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇ ସାହିତ୍ୟ ଆମକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ଏକ ପ୍ରକୃଷ୍ଟ ମାଧ୍ୟମ। ସାହିତ୍ୟରୁ ଯେଉଁ ତୃପ୍ତି ମିଳେ, ତା'ର ପଟାନ୍ତର ନାହିଁ ବୋଲି ଶ୍ରୀ ଶତପଥୀ କହିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଦାସ ବେନହୁର ଯୋଗଦେଇ ଭାଷା ଗୋଟିଏ ଜାତିର ପ୍ରାଣ। ଏହି ପ୍ରାଣରେ ଉନ୍ମାଦନା ଭରେ ସାହିତ୍ୟ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ଶତପଥୀ ଯୋଗଦେଇ ଆଜିର ସାହିତ୍ୟ ଜନଜୀବନର ବାର୍ତ୍ତା ବହନ କଲେ କାଳଜୟୀ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ଅତିଥିଙ୍କ ଦ୍ୱାରା ସାହିତ୍ୟ ଦର୍ପଣ ପତ୍ରିକାର ରଜତ ଜୟନ୍ତୀ ସଂଖ୍ୟା ଉନ୍ମୋଚନ କରାଯାଇଥିଲା। ଔପନ୍ୟାସିକ ଭୀମ ପୃଷ୍ଟିଙ୍କୁ ସାହିତ୍ୟ ଦର୍ପଣ ରଜତ ଜୟନ୍ତୀ ପୁରସ୍କାର, ବିଶିଷ୍ଟ କବି ଅଭୟ ନାୟକଙ୍କୁ ସାହିତ୍ୟ ଦର୍ପଣ ରଜତ ଜୟନ୍ତୀ କବିତା ସମ୍ମାନ, ଗାଳ୍ପିକ ଅରବିନ୍ଦ ଦାସଙ୍କୁ ସାହିତ୍ୟ ଦର୍ପଣ ରଜତ ଜୟନ୍ତୀ ଗଳ୍ପ ସମ୍ମାନ, ଡକ୍ଟର ନଳିନୀ ବେହେରା, ଡକ୍ଟର ଚିତ୍ତରଞ୍ଜନ ବେହେରା, କବି ନିରୂପମା ସ୍ୱାଇଁ, କବି ସୁଶ୍ରୀ ସଙ୍ଗୀତା କୁମାରୀ, ଗାଳ୍ପିକ ଚନ୍ଦ୍ର ମୋହନ ମହାପାତ୍ରଙ୍କୁ ସାହିତ୍ୟ ଦର୍ପଣ ସମ୍ମାନ ପ୍ରଦାନ କରାଯାଇଥିଲା। ପତ୍ରିକାର ସମ୍ପାଦକ ବିମଳ ପତି ବିବରଣୀ ପ୍ରଦାନ କରିଥିଲେ। କବି ଭକ୍ତଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ନରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ପୂର୍ବାହ୍ନରେ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ କବି ସୁଚେତା ମିଶ୍ର, କବି ରକ୍ଷକ ନାୟକ ଅତିଥି ଭାବେ ଯୋଗଦେଇ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କବି ସଂଘମିତ୍ରା ରାୟଗୁରୁ, ସର୍ବାଣୀ ଦାସଙ୍କ ସଂଯୋଜନାରେ କବି ଅମୀୟ ମହାପାତ୍ର, ମୋହିତ ଚକ୍ରବର୍ତ୍ତୀ, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ଧନଞ୍ଜୟ ସ୍ୱାଇଁ, ପ୍ରସନ୍ନ ସ୍ୱାଇଁ, ଶ୍ରୀଶିକ୍ଷା ଶୁଭଦର୍ଶିନୀ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ମିରିନା ମହାନ୍ତି, ସୁରେଶ ନାୟକ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

## ପିକ୍ଅପ୍-କାର୍ ଧକ୍କା; ଦୁଇ ଗୁରୁତର

ନୀଳଗିରି, ୧୨।୧(ସମିସ): ସନ୍ଧ୍ୟା ସମୟରେ ବସଷ୍ଟାଣ୍ଡଠାରେ ପିକଅପ-କାର ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଚାଳକ ଗୁରୁତର ଆହତ ହୋଇ ନୀଳଗିରି ମେଡିକାଲରେ ଭର୍ତ୍ତି କରିଛନ୍ତି। ଗାଡ଼ିରେ ଥିବା ପର୍ଯ୍ୟଟକଙ୍କ ଆଂଶିକ ଆଘାତ ହୋଇଥିବା ଜଣା ପଡ଼ିଛି। ନୀଳଗିରି ବାଇପାସଠାରେ ସନ୍ଧ୍ୟା ୭.୩୦ମିନିଟ ସମୟରେ ଏହି ଦୁର୍ଘଟଣା ଘଟିଛି।

## ପୁରାତନ ଛାତ୍ର ସଂସଦର କର୍କଟ ସଚେତନତା

ବାଲେଶ୍ୱର, ୧୨।୧(ସମିସ): ଫକୀର ମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଏକ କ୍ୟାନ୍ସର ସଚେତନା ଶିବିର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ଦିଲୀପ ବୋଷ ଉଦଘାଟନ କରିଥିବା ବେଳେ ମଣିପାଳ ହସ୍ପିଟାଲର ବରିଷ୍ଠ କ୍ୟାନସର ଡାକ୍ତର ନୀତିଶ କୁମାର ଆଚାର୍ଯ୍ୟ ମୁଣ୍ଡ ଏବଂ ଗଳା କର୍କଟର କାରଣ ଓ ଏହାର ନିରାକରଣ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସଂସଦର ସଭାପତି ଡା ପ୍ରଭାତ ଚନ୍ଦ୍ର ଚୌଧୁରୀ ଶିବିରର ଉଦ୍ଦେଶ୍ୟ ବିଷୟରେ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ।ସ୍ୱାସ୍ଥ୍ୟ ସମ୍ପାଦକ ମଧୁ ସୁଦନ ବେହେରା ଧନ୍ୟବାଦ ଦେଇଥିଲେ।

## ମରଣାନ୍ତକ ଆକ୍ରମଣ; ପରିବାରର ୩ ଗୁରୁତର

ଦୋବଲ/ଧାମନଗର, ୧୨।୧(ସମିସ): କଞ୍ଜିଆପାଳ ଗ୍ରାମରେ ନିର୍ମାଣାଧୀନ ରାସ୍ତାରେ ଗାଈ ପୂରାଇଦେବାକୁ ନେଇ ମରଣାନ୍ତକ ଆକ୍ରମଣରେ ଗୋଟିଏ ପାରିବାର ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ଧାମନଗର ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ଗ୍ରାମ ଭିତରକୁ ପକ୍କା ରାସ୍ତା ନିର୍ମାଣ କରାଯାଉଥିଲା। ସନାତନ ପରିଡ଼ା, ପ୍ରୀତମ ପରିଡ଼ା ଓ ପୁଅ ଆଶିଷ ସେଇ ରାସ୍ତାରେ ଜବରଦସ୍ତ ଗାଈ ନେଇ ଯାଇଥିଲେ। ରାସ୍ତା ଖରାପ ହେବାକୁ ନେଇ ମଦନ ନାୟକ ବିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ମଦନ ସମେତ ପରିବାର ସ୍ତ୍ରୀ ଓ ପୁଅ ଆକ୍ରମଣରେ ଗୁରୁତର ହୋଇଥିଲେ। ପୁଲିସ ଏହି ଘଟଣାରେ ପ୍ରୀତମକୁ ଅଟକ ରଖିଛି।

## ପଲିକିରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଧାମନଗର, ୧୨।୧(ସମିସ): ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ପଲିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରାକାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ଉତ୍ସବରେ ସ୍ଥାନୀୟନାଏବ ସରପଞ୍ଚ ଗୌରାଙ୍ଗ ଦାଶ, ସିଆରସିସି ସେକ ମୋଜାଫର ହୋସେନ, ବିଦ୍ୟାଳୟ ପରିଚଳନା କମିଟି ସଭାପତି ସୁଧାକର ମାଝୀ, ପ୍ରଧାନଶିକ୍ଷକ ସଞ୍ଜୟ ପାଢ଼ୀ, ପ୍ରଧାନଶିକ୍ଷୟିତ୍ରୀ ଆରତିବାଳା ବସନ୍ତିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳଶିକ୍ଷକ ସୁଦର୍ଶନ ବେହେରା, ସୁଶାନ୍ତ ନାୟକ, ଅଶ୍ୱିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ଭୋଗରାଇ ବାଶୁଳୀ ମନ୍ଦିରରୁ ଚୋରି ଉଦ୍ୟମ

ଭୋଗରାଇ/ଭୂଷଣ୍ଡେଶ୍ୱର, ୧୨।୧(ସମିସ): ଭୋଗରାଇ ବ୍ଲକର ଅଧିଷ୍ଠାତ୍ରୀ ଦେବୀ ମା' ବିଜୟା ବାଶୁଳୀଙ୍କ ମନ୍ଦିରରୁ ଦୁର୍ବୃତ୍ତମାନେ ଶନିବାର ରାତିରେ ଚୋରି ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ମନ୍ଦିରର ମୁଖ୍ୟ କବାଟରେ ଥିବା ତାଲାକୁ ଭାଙ୍ଗିବା ସହ ଭିତରେ ଥିବା ୪ଟି କବାଟର ତାଲାକୁ କାଟି ଭିତରେ ପଶିଥିଲେ। ସନ୍ଧ୍ୟା ପୂଜା ଶେଷ ହେବା ପରେ ପୂଜକମାନେ ଗହଣାଗୁଡ଼ିକ ଖୋଲି ଅନ୍ୟତ୍ର ରଖି ଦେଇଥିବାରୁ ଦୁର୍ବୃତ୍ତମାନେ ନିରାଶ ହୋଇ ସେଠାରୁ ପଳାଇ ଯାଇଥିବା ଜଣାପଡ଼ିଛି। ସକାଳେ ପୂଜାରୀ ଶ୍ରୀ ପଣ୍ଡା ମନ୍ଦିରକୁ ଆସିବା ପରେ କବାଟରେ ଲାଗିଥିବା ତାଲା ଭଙ୍ଗା ଯାଇଥିଲା। ଏନେଇ ମନ୍ଦିରର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ଭୋଗରାଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଛି। ସୂଚନାଯୋଗ୍ୟ, ୧୫ ବର୍ଷ ପୂର୍ବରୁ ଏହିଭଳି ମା'ଙ୍କ ମନ୍ଦିରରୁ ଦୁର୍ବୃତ୍ତମାନେ ବହୁ ଅଳଙ୍କାର ଲୁଟି ନେଇଥିଲେ।

## ପ୍ରଣବ ପ୍ରକାଶଙ୍କୁ ବିପୁଳ ସମ୍ବର୍ଦ୍ଧନା



ବାଲେଶ୍ୱର, ୧୨।୧(ସମିସ): ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଙ୍କୁ ବାଲେଶ୍ୱରସ୍ଥିତ ରେମୁଣା ଗୋଲେଇରେ ରବିବାର ଦିନ ଦଳ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶ୍ରୀ ଦାସ ରେମୁଣାସ୍ଥିତ ଏକ ବିଦ୍ୟାଳୟର କାର୍ଯ୍ୟକ୍ରମରେ ସାମିଲ ହେବାକୁ ଯାଉଥିବା ବେଳେ ଦଳୀୟ ନେତା, କର୍ମୀ ଏବଂ ସମର୍ଥକମାନେ ଜାନୁଗଞ୍ଜ ଗୋଲେଇଠାରେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଗସ୍ତ ଫଳରେ ଆଗାମୀ ପଞ୍ଚାୟତ ଏବଂ ପୌର ନିର୍ବାଚନରେ କର୍ମୀଙ୍କ ଉତ୍ସାହ ଦ୍ୱିଗୁଣିତ କରିବ ବୋଲି ଉପସ୍ଥିତ ଦଳୀୟ ନେତା ମାନେ ମତ ପ୍ରକାଶ କରିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରି ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା ମହାଲିକ, ଜିଲ୍ଲା ପରିଷଦର ପୂର୍ବତନ ସଭାପତି ଉମିଳତା ଦାସ, ବ୍ଲକ ସଭାପତି ମନୋରଞ୍ଜନ ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ଅଜୟ ମହାଲିକ, ସରପଞ୍ଚ ପ୍ରଣତି ଜେନା, ସମିତି ସଭ୍ୟ ଗିରିଶଚନ୍ଦ୍ର ଦଳାଇ, ଯୁବ ସଭାପତି ହିମାଂଶୁ ମହାନ୍ତି, ସେଖ ପାପା ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ପରେ ଜାନୁଗଞ୍ଜ ଗୋଲେଇଠାରୁ ଏକ ବିରାଟ ବାଇକ ରାଲିରେ ଶ୍ରୀ ଦାସଙ୍କୁ କାକବରେଇ ଗ୍ରାମ ପର୍ଯ୍ୟନ୍ତ ନିଆଯାଇଥିଲା।

**ଦଲାଲ କବ୍ଜାରେ ଧାନ**

# ଟୋକନ୍ ଅବଧି, କଟ୍ନୀ ଛଟ୍ନୀରେ ବନ୍ଧା ଚାଷୀ

ବାରିକପୁର, ୧୨।୧(ସମିସ):



ଖରିଫ ଧାନ ବିକ୍ରୟ ପାଇଁ ପଞ୍ଜିକୃତ ଚାଷୀମାନେ ଏବେ ଦହଗଞ୍ଜ ହେଉଛନ୍ତି। ଧାନ କ୍ରୟ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ପାଞ୍ଚ ତାରିଖ ଦିନ ସରକାରୀ ଭାବେ ମଣ୍ଡି ଉଦଘାଟନ ହୋଇଥିଲା। ଘୋର ଅବ୍ୟବସ୍ଥା ଯୋଗୁଁ ଏପର୍ଯ୍ୟନ୍ତ ଚାଷୀମାନେ ଧାନ ବିକି ପାରି ନାହାନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ୮ଟି ସମିତି ଓ ୮ଟି ଏସଏଚଜି ଗୋଷ୍ଠୀ ଅଧୀନରେ ମଣ୍ଡି ଶୁଭାରମ୍ଭ ହୋଇଥିଲେ ମଧ୍ୟ ଏଯାଏଁ ଧାନ କ୍ରୟ ହୋଇନାହିଁ। ଅନ୍ୟ ପଡୋଶୀ ଜିଲ୍ଲାରେ ଚାଷୀମାନେ କୁଇଣ୍ଟାଲ ପିଛା ୪/୫ କେଜି କାଟିକି ଆବଶ୍ୟକ ସ୍ଥଳେ ଧାନ ବିକ୍ରି କରୁଥିବା ବେଳେ ଭଦ୍ରକ ଜିଲ୍ଲାରେ ମିଲରମାନେ ସର୍ବନିମ୍ନ ଆଠ କେଜିରୁ କମ୍ କଟିଙ୍ଗ ହେଲେ ଧାନ କିଣିବେ ନାହିଁ ବୋଲି ରୋକଠୋକ କହୁଛନ୍ତି। ପ୍ରଶାସନ ମଧ୍ୟ ଏହାଉପରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ମିଲରଙ୍କ ସ୍ୱଘୋଷିତ କଟିଙ୍ଗ ଛଟିଙ୍ଗ ବ୍ୟବସ୍ଥା ମଧ୍ୟରେ ଚାଷୀମାନେ ଏବେ ବନ୍ଧା ପଡ଼ିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପଟେ ଚାଷୀ ମାନେ ଧାନ ବିକିବା ପାଇଁ ମୋବାଇଲ ଆପରେ ଯେଉଁ ସରକାରୀ ଟୁକନ ପ୍ରାପ୍ତ ହୋଇଥିଲେ ତା'ର ଅବଧି ମଧ୍ୟ ସରିସରି ଆସୁଛି। ଆଜିକୁ ଆଠ ଦଶ ଦିନ ହେବ ଟୁକନ ପାଇଥିବା ଚାଷୀ ମାନେ ଆଉ ପନ୍ଦର ଦିନ ମଧ୍ୟରେ ଯଦି ଧାନ ବିକି ନପାରନ୍ତି ତାହେଲେ ଟୁକନ ଅବଧି ଶେଷ ହେବ। ଫଳରେ ସେମାନେ ସରକାରୀ ଭାବେ ଧାନ ବିକ୍ରୟରୁ ବଞ୍ଚିତ ହେବ? ଅନ୍ୟାନ୍ୟ ଉପାୟ ନପାଇ କେତେକ ଚାଷୀ ଉତ୍ପାଦିତ ଶସ୍ୟକୁ ଦଲାଇଲାମାଙ୍କ ହାତରେ ଟେକି ଦେବାକୁ ବାଧ୍ୟ ହେଉଛନ୍ତି।

### ମଣ୍ଡି ପରିଦର୍ଶନ କଲେ ଜିଲ୍ଲାପାଳ

ଭଣ୍ଡାରିପୋଖରୀ, ୧୨।୧(ସମିସ): ରବିବାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଆଦମପୁର ଶକ୍ତି ସ୍ୱରୂପା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ ମଣ୍ଡି ଓ ପାଟୁଳି ଆସ୍ଥା ମନ୍ତ୍ରବାସିନୀ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ ମଣ୍ଡି ରବିବାର ପରିଦର୍ଶନ କରି ଧାନକ୍ରୟ ସମୀକ୍ଷା କରିଛନ୍ତି। ସ୍ଥାନୀୟ ତହସିଲଦାର ସରୋଜକାନ୍ତ ନାୟକ ଜିଲ୍ଲାପାଳଙ୍କ ସହ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ବ୍ଲକର ୮ଟି ପାକ୍ସ ଓ ୮ଟି ଏସଏସଜି ମଣ୍ଡିରେ ଧାନକ୍ରୟ ଅଦ୍ୟାବଧି ହୋଇ ପାରିନାହିଁ। ଇତିମଧ୍ୟରେ ଟୋକନପ୍ରାପ୍ତ ଚାଷୀମାନେ ବିକ୍ରି ପାଇଁ ମଣ୍ଡିକୁ ଧାନ ଆଣି ସାରିଛନ୍ତି। ହେଲେ ଧାନ କ୍ରୟ ଆଦୌ ସମ୍ଭବ ହୋଇ ପାରୁନାହିଁ। ପାଟୁଳି ଓ ଆଦମପୁର ମଣ୍ଡିରେ ୩୪୭ କ୍ୱିଣ୍ଟାଲ ଧାନକ୍ରୟ ଆରମ୍ଭ ହୋଇଛି। ବିଭିନ୍ନ ମଣ୍ଡି ସହ ଟ୍ୟାଗ ମିଲରମାନେ ଚଳିତବର୍ଷ ଧାନର ଗୁଣାତ୍ମକ ମାନକୁ ଦେଖି ୧୨ କ୍ୱିଣ୍ଟାଲ ପିଛା କିଲୋ କଟନୀ ଛଟନୀ ପାଇଁ ଅଡି ବସିଥିବାରୁ ପାକ୍ସ ମଣ୍ଡିରେ ଧାନ କ୍ରୟ ସମ୍ଭବ ହୋଇ ପାରୁ ନାହିଁ। ଫଳରେ ପାକ୍ସ, ମିଲର ଓ ପ୍ରଶାସନ ଚାଷୀଙ୍କ ପ୍ରତି ଦରଦୀ ମନୋଭାବ ପୋଷଣ କରିବାକୁ ଚାଷୀ ମହଲରେ ଦାବି ହୋଇଛି।

## ସ୍ୱର୍ଗତ ନବୀନକୃଷ୍ଣ ଚାନ୍ଦଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ



ଭଦ୍ରକ, ୧୨।୧(ସମିସ): ଅପରାହ୍ନରେ ମହେନ୍ଦ୍ର ଭବନରେ ନବୀନକୃଷ୍ଣଙ୍କ ଗ୍ରନ୍ଥାବଳୀ ଲୋକାର୍ପଣ ଭବ୍ୟ ସମାରୋହରେ ସମାପନ ହୋଇଯାଇଛି। ପୌରୋହିତ୍ୟ କରିଥିଲେ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଶାସକ ଡ. ରବିନାରାୟଣ ସେନାପତି। ଅଧ୍ୟାପିକା ଉଷାରାଣୀ ଜେନା ଏହାକୁ ସଞ୍ଚାଳନ କରିଥିଲେ। ଗ୍ରନ୍ଥାବଳୀର ଅନ୍ୟତମ ସମ୍ପାଦିକା ତଥା ବିଶିଷ୍ଟ ସାହିତ୍ୟିକ ଡ. ସଞ୍ଜିତା ଥିଲେ ମୁଖ୍ୟବକ୍ତା। ଭଦ୍ରକର ଅନ୍ୟତମ ବଳିଷ୍ଠ ସାରସ୍ୱତ ସାଧକ, ସଫଳ ଆଇନଜୀବୀ, ଭଦ୍ରକ ଏନଏସିର ପ୍ରଥମ ଅଧ୍ୟକ୍ଷ (୧୯୭୪-୯୮) ନିଷ୍ଠାପର ସମାଜସେବୀ, ଭାରତ-ସୋଭିଏତ୍ ମୈତ୍ରୀ ସଂଗଠନ ବଳିଷ୍ଠ ପ୍ରବକ୍ତା ସ୍ୱର୍ଗତ ନବୀନକୃଷ୍ଣ ଚାନ୍ଦଙ୍କ ସାମଗ୍ରିକ ସାହିତ୍ୟକୃତିର ଏକ ପୂର୍ଣ୍ଣାଙ୍ଗ ପରିପ୍ରକାଶ ଲୋକାର୍ପଣ ହୋଇଥିଲା। ନବୀନକୃଷ୍ଣ ଗ୍ରନ୍ଥାବଳୀ କଟକର ସ୍ୱନାମଧନ୍ୟ ଫ୍ରେଣ୍ଡସ ପବ୍ଲିସରଙ୍କ ଦ୍ୱାରା ପ୍ରକାଶିତ ଏହି ଗ୍ରନ୍ଥାବଳୀର ସମ୍ପାଦନା କରିଛନ୍ତି ଡ. ସୋମା ଚାନ୍ଦ ଓ ଡ. ସଞ୍ଜିତା ମିଶ୍ର। ଏହି ଅବସରରେ ସ୍ୱର୍ଗତ ଚାନ୍ଦଙ୍କ ସେରସ୍ତା ସହ ସଂପୃକ୍ତ ଥିବା କନିଷ୍ଠ ସହଯୋଗୀ ଆଡଭୋକେଟ୍ ଶେଖ୍ ଅବବୁ ସୁଫିୟାନ, ଆଡଭୋକେଟ ପ୍ରଫୁଲ୍ଲ ରାଉତ, ଆଡଭୋକେଟ୍ ନାରାୟଣଚନ୍ଦ୍ର ନାୟକ, ଦୁଃଶାସନ ମହାନ୍ତି, ଆଡଭୋକେଟ୍ ଅରୁନ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତ ଭାଷଣ ଦେଇଥିଲେ ଡ.ସୋମା ଚାନ୍ଦ। ସମାରୋହରେ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଝରଣା ପଟ୍ଟନାୟକ, ଡ. ନିତ୍ୟାନନ୍ଦ ପ୍ରଧାନ, ଡ. ରାଧାରାଣୀ ମହାପାତ୍ର, ସେକ ଫାରୁକ, ସୃଜନ ଦାସ, ନିତ୍ୟାନନ୍ଦ ଦାସ, ବିଜୟ ସାହୁ, ଦିବ୍ୟସିଂହ ନାୟକ, ସରୋଜ ଦାସ, ସ୍ୱରାଜ ଦେ, ଡ. ଗୋଲକବିହାରୀ ସାହୁ, ବିଜୟ ବହଳୀ, ମନୋରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅମରେଶ ଚାନ୍ଦ ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ନର୍ସରୀରେ ଚାରା ନଷ୍ଟ



ବାରିକପୁର, ୧୨।୧(ସମିସ): ଧାମନଗର ବନ୍ୟପ୍ରାଣୀ ଓ ବନାଞ୍ଚଳର ଅସ୍ଥାୟୀ ଚାରା କେନ୍ଦ୍ରଗୁଡିକରେ ଛୋଟ ଛୋଟ ଗଛ ନଷ୍ଟ ହେଉଛି। ଭଣ୍ଡାରିପୋଖରୀ, ବନ୍ତ ଓ ଧାମନଗର ବ୍ଲକର ବିଭିନ୍ନ ଜାଗାରେ ଏହି ଚାରା ସୃଷ୍ଟି କରାଯାଇଲା। ଏନଆରଇଜିଏସ ଓ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ ଲଗାଯାଇଛି। ବୃକ୍ଷ ରୋପଣ ଅବଧି ଶେଷ ହୋଇଥିବାବେଳେ ବଳକା କିଛି ଚାରାକୁ ମଧ୍ୟ ବିଭାଗୀୟ କାର୍ଯ୍ୟାଳୟଠାରେ ରଖାଯାଇଛି। ଏହାସତ୍ତ୍ୱେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଶହଶହ ଚାରା ନଷ୍ଟ ହୋଇଛି। ଦାୟିତ୍ୱହୀନତା ଯୋଗୁଁ ସେଗୁଡିକ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ଏପଟେ ବୃକ୍ଷ ରୋପଣ ପାଇଁ ବିଭିନ୍ନ ବ୍ଲକ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ଭିତ୍ତିଭୂମି ଥିଲେ ମଧ୍ୟ ବିଭାଗ ତତ୍ପର ହେଉନାହିଁ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଚାରା ନଷ୍ଟ ହେବା ପରିତାପର ବିଷୟ ବୋଲି ପରିବେଶବିତ୍ ମତ ଦେଇଛନ୍ତି।

## ବିବେକାନନ୍ଦ ଜୟନ୍ତୀରେ ବଜରଙ୍ଗ ଦଳର ଶୋଭାଯାତ୍ରା



ଧାମନଗର/ଅସୁରାଳି, ୧୨।୧ (ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଜାତୀୟ ଯୁବ ଦିବସ ଅବସରରେ ବଜରଙ୍ଗ ଦଳ ପକ୍ଷରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଯୁବସମାଜକୁ ନିଶା ଠାରୁ ଦୂରେଇ ରଖିବା ସହ ନିଶାମୁକ୍ତ ସମାଜ ଗଠନ କରିବା ଆହ୍ୱାନ ଦେଇ ବିଶ୍ୱହିନ୍ଦୁ ପରିଷଦର ଯୁବ ସଂଗଠନ ବଜରଙ୍ଗ ଦଳ ଭଦ୍ରକ ଜିଲ୍ଲା ଶାଖା ପକ୍ଷରୁ ଆଜି ଏକ ବାଇକ ରାଲିର ଆୟୋଜନ କରାଯାଇଥିଲା। ଧାମନଗର ଆଖଣ୍ଡଳମଣି ରାଜ୍ୟ ରାଜପଥର କୋଠାର ଛକଠାରୁ ଶହ ଶହ ଯୁବକ ବିଶାଳ ମୋଟର ସାଇକଲ ଶୋଭାଯାତ୍ରାରେ ବାହାରି ବ୍ଲକ ଓ ଏନଏସି ଅଞ୍ଚଳର ବିଭିନ୍ନ ସ୍ଥାନ ଧାମନଗର ସହରାଞ୍ଚଳ ମୁଖ୍ୟ ବଜାର ପରିକ୍ରମା ସହିତ ଗୁଡୁପୋଖରୀ, ବୟାଙ୍ଗଡ଼ିହି, ନଦୀଗାଁ, ଅର୍ଜୁନପୁର, ଜାହାଙ୍ଗିର, ଦକ୍ଷିଣବାଡ଼, ବିରୁହା ପ୍ରଭୃତି ଅଞ୍ଚଳ ପରିକ୍ରମା କରି ଧାମନଗରସ୍ଥିତ ରାମ ମନ୍ଦିରଠାରେ ପହଞ୍ଚି ଶେଷ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଆଇଆଇସିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଓ ବଜାରରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ବିଶ୍ୱହିନ୍ଦୁ ପରିଷଦର ଯୁବ ସଂଗଠନ ବଜରଙ୍ଗ ଦଳ ତରଫରୁ ଧୂଷୁରୀ କୋଠାର ଛକରୁ ଆରମ୍ଭ ହୋଇ ଧାମନଗର ରାମମନ୍ଦିରରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଭଦ୍ରକ ବଜରଙ୍ଗ ଦଳର ସଭାପତି ପ୍ରସନ୍ନ ଷଡ଼ଙ୍ଗୀ, ସମ୍ପାଦକ ବସନ୍ତ ରାଉତ, ରାଜେନ୍ଦ୍ର ବେହେରା, ଗଡିଆଳି ସରପଞ୍ଚ ସରୋଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଧାମନଗର, ଧୂଷୁରୀ, ଅସୁରାଳୀ, କୋଠାର, ନଦିଗାଁ ଅଞ୍ଚଳର ଶହ ଶହ ଯୁବକ ଯୋଗ ଦେଇଥିଲେ।

## ଇଟାମାଫିଆଙ୍କ ଜାଲରେ ବସ୍ତା: ନିରବଦ୍ରଷ୍ଟା ପ୍ରଶାସନ

**ବସିଛନ୍ତି ଅନୁମତିପ୍ରାପ୍ତ ଭାଟି, ମାଲାମାଲ ବେଆଇନ ବାଲା**

ରାଜଘାଟ, ୧୨।୧(ସମିସ): ବସ୍ତା ବ୍ଲକରେ ଏବେ ଇଟା ମାଫିଆଙ୍କ ରାଜୁତି। ସନ୍ତୋଷପୁର, ଭେଲୋରା, ପାଉଁଶକୁଲି, ରଘୁନାଥପୁର, ସିଂଲା, ନାବରା ଓ ମୁକୁଲୁସି ପଞ୍ଚାୟତରେ ୫୦ରୁ ଅଧିକ ଇଟାଭାଟି ଚାଲୁଛି। ସେଥିମଧ୍ୟରୁ ୪-୫ଟି ଭାଟିକୁ ପ୍ରଶାସନିକ ଅନୁମତି ମିଳିଥିବା ବେଳେ ଅନ୍ୟସବୁ ବେଆଇନ ଭାବେ ଚାଲୁଛି। କୌଣସି ଅଙ୍କୁଶ ନଥିବାରୁ ଚଳିତବର୍ଷ ଛତୁ ଫୁଟିଲା ଭଳି କିଛି ବେଆଇନ ଇଟାଭାଟି ଗଢି ଉଠିଛି। ଏହିସବୁ ଇଟାଭାଟି ପାଇଁ ବେଆଇନ ଭାବେ ଚାଷଜମିରୁ ହଜାରହଜାର ଟ୍ରିପ ମାଟି ଓ ନିକଟସ୍ଥ ସୁବର୍ଣରେଖା ନଦୀରୁ ବାଲି ଚୋରି କରାଯାଉଛି। ଇଟା ନେବା ପାଇଁ ପ୍ରତିଦିନ ଶହଶହ ଭାରୀଯାନ ଚଳପ୍ରଚଳ କରୁଛନ୍ତି। ଅନୁମତି ନେଇଥିବା ଭାଟିମାନେ ସମସ୍ତ ପ୍ରକାର କର ଓ ରାଜସ୍ୱ ପୈଠ କରିବା ପରେ ଏକ ନିର୍ଦ୍ଧାରିତ ମୂଲ୍ୟରେ ଇଟା ବିକ୍ରିକରିବା ପାଇଁ ବାଧ ହେଉଥିବାବେଳେ ବେଆଇନ ଇଟାଭାଟି ମାଲିକମାନେ ତାଠାରୁ କମ ମୂଲ୍ୟରେ ଇଟା ବିକ୍ରିକରି ବେପାର ଜମାଇବାରେ ଲାଗିଛନ୍ତି। ସେଥିପାଇଁ ଅନୁମତିପ୍ରାପ୍ତ ଭାଟିଗୁଡିକ ସରକାରଙ୍କୁ ରାଜସ୍ୱ ଦେଇ ହାତ କୁଣ୍ଢେଇ ବସୁଛନ୍ତି। ବେଆଇନ ଇଟାଭାଟିଗୁଡିକ ଫିକ୍ସ ଚିମନି ପରିବର୍ତ୍ତେ ଚଳନ୍ତି ଚିମନି ବ୍ୟବହାର କରୁଥିବାରୁ ଏହା ପ୍ରଦୂଷଣକୁ ବହୁମାତ୍ରାରେ ବଢ଼ାଉଛି। ମାତ୍ର ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ପ୍ରଶାସନ ନିକଟରେ ଅନେକଥର ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ପାଉ ନଥିଲେ। ବାଧହୋଇ ଏହିଘଟଣା ସମ୍ପର୍କରେ ଉଚ୍ଚ୍ଚନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁକରାଯାଇଥିଲା। ଏହାପରେ ଜିଲ୍ଲାପାଳ ଆଦେଶ ସଂଖ୍ୟା ୮୭୮-ତା୧୦-୯-୧୯ ମୂଳେ ଇଟାଭାଟି ସବୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବସ୍ତା ତହସିଲଦାର ଚିଠି ନଂ-୩୨୦୫, ତା୨୪-୧୦-୧୯ରେ ଇଟାଭାଟି ବନ୍ଦ କରିବାପାଇଁ ସବୁ ଭାଟି ମାଲିକ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଇଟା ମାଫିଆମାନେ ଏହି ନିର୍ଦ୍ଦେଶକୁ ବେଖାତିର କରି ଭାଟି ଚାଲୁ ରଖିଥିଲେ ବି ପ୍ରଶାସନ ଓ ବସ୍ତା ରାଜସ୍ୱ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଏହି ଘଟଣା ଅନ୍ୟ କେତେକ ଅସାଧୁ ବ୍ୟକ୍ତିଙ୍କୁ ବେଶ ଉତ୍ସାହିତ କରିଥିଲେ। ଏହି ମାଫିଆମାନେ ମଧୁପୁର ଗ୍ରାମକୁ ଲାଗିଥିବା ସୁବର୍ଣ୍ଣରେଖା ନଦୀ କୂଳରେ ଇଟାଭାଟି ନିର୍ମାଣ କରିଛନ୍ତି। ଏହା ସମ୍ପୂର୍ଣ ଭାବେ ନିୟମ ଉଲଂଘନ କରୁଥିବା ବେଳେ ରାଜସ୍ୱ ବିଭାଗ ନିରବ ଦ୍ରଷ୍ଟା ସାଜିଛି। ପ୍ରଶାସନ ଏଥିପ୍ରତି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଭାରତୀୟ କିଷାନ ସଂଗଠନ ତରଫରୁ ଦାବି କରାଯାଇଛି। ନହେଲେ ଏହି ସଙ୍ଗଠନର କର୍ମୀମାନେ ରାଜପଥକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଟିପିଏନ୍ଓଡିଏଲ୍ ପକ୍ଷରୁ ପ୍ରମୁଖ ଗ୍ରାହକ ସମ୍ମିଳନୀ



ବାଲେଶ୍ୱର, ୧୨।୧(ସମିସ): ଟାଟା ପାୱାର-ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍ଓଡିଏଲ୍) ପକ୍ଷରୁ ଯାଜପୁରର ହୋଟେଲ୍ ବ୍ରାହ୍ମଣୀରେ ହାଇ ଟେନସନ୍ ଓ ଏକ୍ସଟ୍ରିମ୍ଲି ହାଇ ଟେନ୍ସନ୍ ପ୍ରମୁଖ ଗ୍ରାହକମାନଙ୍କ ଏକ ସମ୍ମିଳନୀ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଶିଳ୍ପ ସଂସ୍ଥା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସାକ, ପରିଚାଳନା ମୁଖ୍ୟ ନିଲେଶ ପୋଟଫୋଡେ, ବାଣିଜ୍ୟ ଓ ସିଏସଆର ମୁଖ୍ୟ ଜୟଦୀପ ରୟ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ ମହାନ୍ତି, ଇଂଜିନିଅର ଇନ୍ ଚିଫ୍ ଶରତ ମହାଲିକ, ଏଚଓଜି କି କଞ୍ଜୁମର ଗ୍ରୁପ ସ୍ୱାଗତ ମୁଖାର୍ଜୀ, ଯାଜପୁର ଅଧୀକ୍ଷଣଯନ୍ତ୍ରୀ ଅନନ୍ତ ନାରାୟଣ ସେନାପତିଙ୍କ ସମେତ ଅନ୍ୟ ବରିଷ୍ଠ ପରିଚାଳନା ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଆଲୋଚନାଚକ୍ରରେ ଓଡ଼ିଶାର ଶକ୍ତି ବଣ୍ଟନ କ୍ଷେତ୍ରରେ ନୂତନ ପଦକ୍ଷେପ, ଶକ୍ତି ସଂରକ୍ଷଣ ପଦକ୍ଷେପ ଏବଂ ବ୍ୟବସ୍ଥାର ବିଶ୍ୱସନୀୟତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଗ୍ରାହକଙ୍କ ମତାମତ ଏବଂ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ଆମେ ଗୁରୁତ୍ୱ ଦେଉଛୁ ବୋଲି ଶ୍ରୀ ବସାକ କହିଛନ୍ତି। ଟିପିଏନଓଡିଏଲ ଅସାଧାରଣ ସେବା ଯୋଗାଇବା ଏବଂ ବିଶ୍ୱସନୀୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ସମର୍ପିତ। ପାରସ୍ପରିକ ଅଭିବୃଦ୍ଧି ଏବଂ ସଫଳତା ପାଇଁ ଆମେ ନିରନ୍ତର ସହଯୋଗ ଜାରି ରଖିବାକୁ ଆଶା କରୁଛୁ ବୋଲି ସେ କହିଛନ୍ତି। ଟିପିଏନଓଡିଏଲ କର୍ମଚାରୀଙ୍କ ଦ୍ୱାରା ବୈଦ୍ୟୁତିକ ନିରାପତ୍ତା ଉପରେ ଗୁରୁତ୍ୱାରୋପ ସ୍ୱରୂପ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନିରାପତ୍ତା ନାଟକ ପରିବେଷଣ କରାଯାଇଥିଲା।

## ସମାଜସେବୀଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ



ବାଲିଆପାଳ, ୧୨।୧(ସମିସ): ଯୁବ ସମାଜସେବୀ ତଥା ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ସଭାପତି ସତ୍ୟକାମ ମହାନ୍ତିଙ୍କୁ ଶନିବାର ବିଳମ୍ବିତ ରାତିରେ ତାଙ୍କ ଘରେ ପୂର୍ବ ଘଟଣାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ ଉଦ୍ୟମ କରିଥିବା ନେଇ ସେ ଆଜି ଥାନାରେ ଅଭିଯୋଗ କରିଛନ୍ତି। କେଉଁ ମାନେ କଣ ପାଇଁ ତାଙ୍କୁ ଆକ୍ରମଣ କରିଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ସତ୍ୟକାମ ପରିସ୍ରା କରିବାକୁ ଉଠିଥିବା ବେଳେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଧରି ଆଗେଇ ଆସିବାରୁ ସତ୍ୟକାମ ପାଟି କରିଥିଲେ। ପାଟି ଶୁଣି ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଦୁଇ ଜଣ ବାଇକରେ ଚମ୍ପଟ ମାରିଥିବା ବେଳେ ଜଳେଶ୍ୱର ଅଞ୍ଚଳର ଶୁଭକାନ୍ତ ଦାସ ନାମକ ଅନ୍ୟ ଜଣେ ଦୁର୍ବୃତ୍ତକୁ ସତ୍ୟକାମ କାବୁ କରିଥିଲେ। ଦୁର୍ବୃତ୍ତକୁ ସତ୍ୟକାମ ଥାନାରେ ଜିମା ଦେଇଛନ୍ତି। ସତ୍ୟକାମ ନିଜର ସୁରକ୍ଷା ପାଇଁ ଥାନାକୁ ଜଣାଇଛନ୍ତି। ପୁଲିସ ତଦନ୍ତ କରିବ ବୋଲି କହିଛି।

## ଭଦ୍ରକ ଫ୍ଲାଏ ଆସ୍ ବ୍ରିକ୍ସ ସଙ୍ଘ ବାର୍ଷିକ ଉତ୍ସବ



ଭଦ୍ରକ, ୧୨।୧(ସମିସ): ଭଦ୍ରକ ଫ୍ଲାଏ ଆସ ବ୍ରିକ୍ସ ମାନୁଫେକଚରର ସଙ୍ଘର ବାର୍ଷିକ ଉତ୍ସବ ସଙ୍ଘ ସଭାପତି ଖିରୋଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ଦିବଂଗତ ସଭାପତି ଲକ୍ଷ୍ମୀ ମହାପାତ୍ରଙ୍କ ଉଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ମହାପାତ୍ର କ୍ଷୁଦ୍ର ଶିଳ୍ପୋଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା ସମାଧାନ ଏବଂ ଏହାର ସ୍ଥାୟୀ ନିରାକରଣ ନେଇ ମତ ପ୍ରକାଶ କରିଥିଲେ। ସଙ୍ଘର ସମ୍ପାଦକ ଲକ୍ଷ୍ମୀଧର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଡିଆଇସି ଜେନେରାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରା, କୋଷାଧକ୍ଷ ସୁବ୍ରତ ଲେଙ୍କା, ଦେବେନ୍ଦ୍ର ବେହେରା, ବିଶାଳ ଲାଖନୀ ପ୍ରଫୁଲ ରାଉତ, ଅଜୟ ବେହେରା, ଶମ୍ଭୁନାଥ ଗୁପ୍ତା, ସନ୍ତୋଷ ସାହୁ, ମୁକ୍ତିକାନ୍ତ ଜେନା ଏବଂ ଖଗେଶ୍ୱର ବଳ ଜିଲ୍ଲାରେ ଫ୍ଲାଏ ଆସ ବ୍ରିକ୍ସ ଶିଳ୍ପରେ ପାଉଁଶ ଅଭାବ ନେଇ ମତ ବ୍ୟକ୍ତ କରିଥିଲେ।

## ମଧୁବନ ବିଦ୍ୟାମନ୍ଦିର, ମାଣିପୁରରେ ସୁବର୍ଣ୍ଣ ଜୟନ୍ତୀ ଉଦ୍ଯାପିତ

ସୋର, ୧୨।୧(ସମିସ)



ସୋର ବ୍ଲକ ମାଣିପୁର ପଞ୍ଚାୟତ ମଧୁବନ ବିଦ୍ୟାମନ୍ଦିରର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଦୁଇଦିନ ଧରି ସୁବର୍ଣ୍ଣ ଜୟନ୍ତୀ ସମାରୋହ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସର ପ୍ରାରମ୍ଭିକ ପର୍ଯ୍ୟାୟରେ ପୁରାତନ ଛାତ୍ର ସଂସଦ ଦ୍ୱାରା ବୃକ୍ଷରୋପଣ ଏବଂ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମ୍ବାଦ ଆମ ଓଡ଼ିଶା ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରକୁ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଉଦଘାଟନ କରିବା ସହିତ ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଶିକ୍ଷାନୁଷ୍ଠାନର ମଙ୍ଗଳ ନିମନ୍ତେ କାର୍ଯ୍ୟ କରିବାକୁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ଉକ୍ତ ସଭାରେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା, ସମ୍ମାନିତ ଅତିଥି ଭାବେ ସମାଜସେବୀ ଲକ୍ଷ୍ମୀନାରାୟଣ ଦାଶମହାପାତ୍ର, ପ୍ରଧାନଶିକ୍ଷକ ବୀରେନ୍ଦ୍ର ସେଣ, ସୁବର୍ଣ୍ଣ ଜୟନ୍ତୀ କମିଟିର ସମ୍ପାଦକ ରବୀନ୍ଦ୍ରନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅଧିବେଶନରେ ଲକ୍ଷ୍ମୀଧର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଶାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଯଦୁନାଥ ଯଶମୁଖଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ, ମୁଖ୍ୟବକ୍ତା ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ସୁବ୍ରତ ଧଡ଼ା ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିବରଣୀ ପାଠ କରିଥିଲେ ପୁରାତନ ଛାତ୍ର ପ୍ରଦୀପ ସାହୁ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଜ୍ୟୋତ୍ସ୍ନାରାଣୀ ଜେନା। ପି କେ ଆଣ୍ଡ ଗ୍ରୁପସ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ସହିତ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ ଅସତୀ ତୁଳସୀ ସତୀ ଚଉରା ଅନୁଷ୍ଠିତ ହୋଇଥିଲା।

# ମକର ସଂକ୍ରାନ୍ତି ପାଇଁ ପ୍ରସ୍ତୁତି

**ବାରିକପୁର,୧୨ ।୧(ସମିସ):** ରାତି ପାହିଲେ ପବିତ୍ର ମକର ସଂକ୍ରାନ୍ତି । ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଦେବାଦେବୀ ପୀଠ ଉତ୍ସବମୁଖର ହେବା ସହିତ ଶ୍ରଦ୍ଧାଳୁଙ୍କ ଭିଡ ମଧ୍ୟ ଲାଗି ରହିଛି । ବ୍ଲକର ସର୍ବପୁରାତନ ବାରିକପୁର ନିକଟ ମା' କାଳିଜ୍ରାଙ୍କ ପୀଠରେ ମକର ସଂକ୍ରାନ୍ତି ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ପୀଠରେ ଶାନ୍ତି ଶୃଙ୍ଖଳା ଓ ସ୍ୱଚ୍ଛତା ପାଇଁ ପୂଜା କମିଟି ତଥା ଟ୍ରଷ୍ଟ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି । ଏହାଛଡା ଶ୍ରଦ୍ଧାଳୁ ମାନଙ୍କ ଭିଡ଼କୁ ଆଖି ଆଗରେ ରଖି ପ୍ରବେଶ ଓ ପ୍ରସ୍ଥାନ ପଥକୁ ସରଳୀକରଣ କରାଯାଇଛି । ସୂଚାରୁରୂପେ ପୂଜା ବିଧି ଓ ହୋମଯଜ୍ଞ ପାଇଁ ସମସ୍ତ ବ୍ୟବସ୍ଥା ପ୍ରାୟତଃ ଶେଷ ହୋଇଛି । ସେହିଭଳି ଅନ୍ୟତମ ଶକ୍ତି ପୀଠ ଚେକା ସାଆନ୍ତାଣୀଙ୍କ ବାର୍ଷିକ ମକର ଉତ୍ସବ ପାଇଁ ସ୍ଥାନୀୟ ଆୟୋଜକ ମାନଙ୍କ ତରଫରୁ ପ୍ରସ୍ତୁତି ଶେଷ ହୋଇଛି । ସାନଶାସନ ପଞ୍ଚାୟତ ବିମଳବର ନିକଟସ୍ଥ ରେବ ନଦୀ କୂଳରେ ପୂଜା ପାଉଥିବା ଅଳାଗୁଣୀଙ୍କ ପୀଠରେ ମକର ସଂକ୍ରାନ୍ତି ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ହୋଇଛି । ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ମାନେ ଲାଗିପଡିଛନ୍ତି । ପୁଲିସ ପ୍ରଶାସନ ପକ୍ଷରୁ ମଧ ସମସ୍ତ ପୀଠରେ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟବସ୍ଥା କରାଯାଇଛି ।

# ଅଶ୍ଳୀଳ ଭିଡିଓ ଭାଇରାଲ୍; ଥାନାର ଦ୍ୱାରସ୍ଥ ନାବାଳିକା

**ବନ୍ତ/ଆଗରପଡ଼ା,୧୨।୧(ସମିସ):** ବନ୍ତ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡ଼ିଓ ଏଡିଟ୍ କରି ଭାଇରାଲ୍ କରିବା ଘଟଣାରେ ନାବାଳିକା ଜଣକ ବନ୍ତ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ବନ୍ତ, ଗଭରପୁର ଏବଂ ସାନବର୍ଚ୍ଚିକୟାଁ ଗ୍ରାମର ୩ଜଣ ଯୁବକ ନାବାଳିକାଙ୍କୁ ବ୍ଲାକମେଲ ଏବଂ ବଦନାମ କରିବା ଉଦ୍ଦେଶ୍ୟରେ ତାଙ୍କ ଭିଡ଼ିଓକୁ ଏଡିଟିଂ କରିବା ସହ ଅଶ୍ଳୀଳ କରି ସୋସିଆଲ ମିଡିଆରେ ଅପଲୋଡ୍ କରିବା ସହ ତାଙ୍କୁ ଭିଡ଼ିଓଟି ହ୍ୱାଟ୍ସଆପ୍ ଜରିଆରେ ପଠାଇ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରିଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି ।

# ସାଳନ୍ଦୀ ଜୁନିଅର କଲେଜରେ ଜାତୀୟ ଯୁବ ଦିବସ ପାଳିତ



**ଭଦ୍ରକ,୧୨ ।୧(ସମିସ):** ଭଦ୍ରକ ଉତ୍ତରବାହିନୀସ୍ଥ ସାଳନ୍ଦୀ ଜୁନିଅର କଲେଜର ଯୁବରେଡକ୍ରସ ଆନୁକୁଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଅଧ୍ୟାପକ ଶୁଭାଶିଷ ଭଟ୍ଟାଚାର୍ଯ୍ୟ ଏକ ସଭାର ଆୟୋଜନ କରିଥିଲେ । ଏହି ସଭାରେ ସଭାପତିତ୍ୱ କରିଥିଲେ ଅଧକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପାଣିଗ୍ରାହୀ । ଅଧ୍ୟାପକ ରବୀନ୍ଦ୍ର କୁମାର ପାଢୀ, ମହମ୍ମଦ ରେଜାଉଦ୍ଦିନ୍, ପ୍ରକାଶ ଚନ୍ଦ୍ର ଲାହା, ସୂର୍ଯ୍ୟକାନ୍ତ ବାରିକ୍, ଅଧ୍ୟାପିକା ମଧୁମିତା ସ୍ୱାଇଁ, ଅଳକା ସାହୁ, ଅମ୍ଳାନଜ୍ୟୋତି ମହନ୍ତ, ଲକ୍ଷ୍ମୀପ୍ରିୟା ଦାସ ଆଦି ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନମୋହନ ସାହୁ, ରାମଚନ୍ଦ୍ର ସାହୁ, ଅମର କୁମାର ପରିଡା ଓ କୁଳମଣି ନାଥ ଏଥିରେ ସହାୟତା କରିଥିଲେ । ବହୁ ଛାତ୍ର ଛାତ୍ରୀ ଏଥିରେ ଯୋଗଦେଇ ଦେଶ ଗଠନରେ ଯୁବ ସମାଜର ଭୂମିକା ଉପରେ ନିଜର ମତାମତ ରଖିଥିଲେ ।

# ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

**ଭଦ୍ରକ,୧୨।୧(ସମିସ):** ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ସପ୍ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି । ୩ ଦିନ ଧରି ଚାଲିଥିବା ଏହି କ୍ରୀଡା ଉତ୍ସବକୁ ପ୍ରଥମ ଦିନରେ ବିଦ୍ୟାଳୟର ସମ୍ପାଦକ ଶରତ ଚନ୍ଦ୍ର ପଣ୍ଡା ଉଦଘାଟନ କରିଥିଲେ । ତୃତୀୟ ତଥା ଉଦ୍‌ଯାପନୀ ଦିବସରେ ଚାନ୍ଦବାଲି ବ୍ଲକ ଗୋପାଳପୁର କ୍ଲଷ୍ଟରର ସିଆର୍‌ସିସି ତପନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷା ସହିତ କ୍ରୀଡ଼ାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯାହା ବିଦ୍ୟାଳୟସ୍ତରରୁ ମିଳିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଶିକ୍ଷା ଓ କ୍ରୀଡା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଯାହା ଛାତ୍ରଛାତ୍ରୀ ମାନଙ୍କୁ ସୁ-ନାଗରିକ ଭାବେ ଗଢି ତୋଳି ଥାଏ ବୋଲି ସମ୍ପାଦକ ଶରତ ଚନ୍ଦ୍ର ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ୩ଦିନ ଧରି ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଚିନ୍ମୟୀ ରାଉତ ଉପସ୍ଥିତ ସମସ୍ତ ଅତିଥି,ଅଭିଭାବକ, ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ଗୁରୁଜୀ ଗୁରୁମାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ୩ ଦିନ ଧରି ଚାଲିଥିବା ଏହି ବାର୍ଷିକ କ୍ରୀଡା ଉତ୍ସବକୁ ବିଦ୍ୟାଳୟ ଗୁରୁଜୀ ନିରଞ୍ଜନ ସାହୁ, ଜ୍ୟୋତି ରଞ୍ଜନ ବାରିକ, ନିରୂପମା ଦାସ, କୀର୍ତ୍ତିମୟୀ ଦାସ, ରୁନିତା ସାହୁ, ସୁଭଦ୍ରା ମାଝି, ଶୁଭସ୍ୱପ୍ନା ବଳ, ମୋନାଲିସା ସୂତାର, ସିପ୍ରାରାଣୀ ନାୟକ, ସୀମାରଣୀ ପଲାଇ ଓ ମିନାରାଣୀ ବେହେରା ପ୍ରମୁଖ ସହଯୋଗ କରିଥିଲେ ।



# ଶନିବାର ସକାଳେ ସ୍କୁଲ ଖୋଲାକୁ ବିରୋଧ କରି ବିଦ୍ୟାଳୟରେ ତାଲା

**ବାସୁଦେବପୁର,୧୨।୧(ସମିସ)**

ସରକାରଙ୍କ ଶିକ୍ଷା ଆଇନ ତା ବାଟରେ ହେଲେ ଗ୍ରାମବାସୀ ତାହାକୁ ପ୍ରତ୍ୟାଖ୍ୟାନ କଲେ । ସରକାର ଆଇନ ପାଳନ ପାଇଁ କଡ଼ା ନିର୍ଦ୍ଦେଶ ପରେ ଗତ ଦୁଇଦିନ ଧରି ବାସୁଦେବପୁର ପୌରପାଳିକା ସ୍ଥିତ ସାବରପୁର ଅଞ୍ଚଳର ସରକାରୀ ବିଦ୍ୟାଳୟରେ ନିୟମ ମାନିବାକୁ ନାରାଜ କେତେକ ଲୋକ । ଶିକ୍ଷା ବିଭାଗ ଶୁକ୍ରବାର ବନ୍ଦକୁ ସିଧାସଳଖ ବାତିଲ କରିବା ପରେ ପରିସ୍ଥିତି ଜଟିଳ ରୂପ ଧାରଣ କରିଥିଲା । ଆଜି ପୁଣି ଶନିବାର ସକାଳେ ଖୋଲାକୁ ବିରୋଧ କରି ବିଦ୍ୟାଳୟରେ ତାଲା ପକାଇଥିବା ଦେଖିବାକୁ ମିଳିଥିଲା । ଶିକ୍ଷକମାନେ ସକାଳ ୭ ଟାରେ ଆସି ଫେରି ଯାଇଥିବା ବେଳେ ପିଲାମାନେ ଆଜି ୧୦ ଟାରେ ଆସି ଫେରି ଯାଇଥିବା ଦେଖିବାକୁ ମିଳିଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଓ ଶିକ୍ଷା ପ୍ରଶାସନ ମଧ୍ୟରେ ତୁମ୍ବିତୋଫାନ ଲାଗି ରହିଥିଲା । ସରକାରଙ୍କ ଏହି ନିୟମକୁ ନିର୍ଦ୍ଦିଷ୍ଟ ଅଭିଭାବକମାନେ ମାନିବାକୁ ପ୍ରସ୍ତୁତ ନଥିବା ଦୁଇଦିନ ଧରି ଦେଖିବାକୁ ମିଳିଛି । ପୂର୍ବରୁ ମାନି ଆସିଥିବା ଶୁକ୍ରବାର ବନ୍ଦ, ରବିବାର ବିଦ୍ୟାଳୟ ଖୋଲା ଓ ଶନିବାର ସକାଳ ୧୦ ଟାରେ ଖୋଲିବାକୁ ନେଇ ଦୁଇଦିନ ଧରି ସ୍ଥାନୀୟ ସାବରପୁର ଓ ଚକ ଅଞ୍ଚଳର ସଂଖ୍ୟାଲଘୁ ଲୋକମାନେ ଦାବି କରିବା ସହିତ ସରକାରଙ୍କ ଏହି ନିୟମକୁ ବିରୋଧ କରି ଧାରଣା ସହିତ ତାଲା ପକାଇଥିବା ଦେଖିବାକୁ ମିଳିଛି । ପିଲାମାନଙ୍କୁ ବିଦ୍ୟାଳୟକୁ ଆସିବାକୁ ବାରଣ କରି ବିଦ୍ୟାଳୟରେ ତାଲା ପକାଇ ଗତ ଶୁକ୍ରବାର ଧାରଣା ଦେଇଥିବା ବେଳେ ଆଜି ଗେଟରେ ତାଲା ପକାଇଥିଲେ । ସରକାରଙ୍କ ନିଷ୍ପତ୍ତିକୁ ଦୃଢ ବିରୋଧ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଦ୍ୟାଳୟ ଯିବାକୁ ଦେଇ ନଥିଲେ । ଦୁଇଦିନଧରି ଏମିତି ଦ୍ୱନ୍ଦ୍ୱ ସାମନାକୁ ଆସିଥିବା ବେଳେ ପ୍ରଶାସନିକ ସ୍ତରରେ କୌଣସି ଠୋସ ପଦକ୍ଷେପ ନିଆ ଯାଇନଥିବାରୁ ଆଗାମୀ ଦିନରେ ସମସ୍ୟା ଜଟିଳ ରୂପ ଧାରଣା କରିବାର ଆଶଙ୍କା ପ୍ରକାଶ ପାଇଛି ।

ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ସାବରପୁର ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ ମହମ୍ମଦ ଅନସାର ଆମ୍ଭେ ସରକାରୀ ନିୟମକୁ ପାଳନ କରିବାକୁ ପ୍ରସ୍ତୁତ ରହିଥିବା ବେଳେ ଅଭିଭାବକମାନେ ସେହି ରହି ଆସିଥିବା ନିୟମକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିବା କହିଛନ୍ତି । ଅନ୍ୟପଟରେ ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଏହି ଘଟଣାକୁ ନେଇ ଅବଗତ ଥିବା ସହିତ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିବା କହିଛନ୍ତି । ଆଉ ଜିଲ୍ଲାପାଳ ସରକାରଙ୍କ ନିୟମକୁ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିବା ସହ ଯିଏ ଏହି ପାଳନ ନକରିବେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ବ୍ଲକ ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି ।

● ଭଦ୍ରକ ସାଂସ୍କୃତିକ ମହୋତ୍ସବର ନବମ ସନ୍ଧ୍ୟା

# 'ଶ୍ରୀଜଗନ୍ନାଥ ସଂସ୍କୃତି ଆମ ଜାତିର ପରିଚୟ'



**ଭଦ୍ରକ,୧୨ ।୧(ସମିସ):** ଶ୍ରୀଜଗନ୍ନାଥ ସଂସ୍କୃତି ଆମ ଜାତିର ପରିଚୟ। ମହୋତ୍ସବ ଏହିସବୁର କଥା ବଖାଣିବା ସହ ଜାତିର ସଂସ୍କୃତି , କିମ୍ବଦନ୍ତୀ ତଥା ଐତିହ୍ୟକୁ ଉଜାଗର କରିଥାଏ ଏବଂ ନୂତନ ପ୍ରତିଭାଧରଙ୍କୁ ପ୍ରତିଷ୍ଠିତ କରେ ବୋଲି ଭଦ୍ରକ ସାଂସ୍କୃତିକ ମହୋତ୍ସବର ନବମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ଭାବେ ଇଂ.ଅଭୟ ସୂତାର, ସମ୍ମାନୀତ ଅତିଥି ଭାବେ ଚିତ୍ରଶିଳ୍ପୀ ପ୍ରଭାତ ଜେନା, ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ବେଦପାଠ ଓ ଶିକ୍ଷୟିତ୍ରୀ ମନୋରମା ରାୟ, ଉପଦେଷ୍ଟା ଅଞ୍ଜନା ମିଶ୍ର, କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, ଚଇତାଳି ଖିଲାର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷ ପ୍ରିୟଦର୍ଶନ ବୋଇତି ମଞ୍ଚ ଆମନ୍ତ୍ରଣ ଓ ପାର୍ଥ ସାରଥୀ ନାୟକ, ସନାତନ ରାଉତ, ଅତିଶ ଦାସ, ପ୍ରଭାତ ଦାସ, ମଳୟ ପରିଡ଼ା, ଆବାହକ ଅବିନାଶ ପଣ୍ଡା, ଅଜୟ ପଣ୍ଡା, ରାଜେଶ ଦାସ, ସୀତାକାନ୍ତ ପାଢ଼ୀ, ରମେଶ ପାଗଳ, କମଳଲୋଚନ ପଣ୍ଡା, ଶୁଭଦୀପ ମଲ୍ଲିକ, ବିଜୟ କୁଅଁର, ଶୁଭ୍ରକାନ୍ତ ରାଉତ, ସାଂସ୍କୃତିକ ସମ୍ପାଦକ ରାମ ନାରାୟଣ ମହାନ୍ତି, ଶାନ୍ତନୁ ଦଳେଇ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ପ୍ରଖ୍ୟାତ ଯାତ୍ରା ଅଭିନେତା ସୁଦର୍ଶନ ଜେନା ଓ ଅଭିନେତ୍ରୀ ବେବିନା ଜେନା ତାଙ୍କ ଅଭିନୟରେ ଦର୍ଶକଙ୍କୁ ବିଭୋର କରିଥଲେ । ଆର୍ଡିଏସ୍ ଗ୍ରୁପ ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ । ଉପସଭାପତି ଆଇନଜୀବୀ ଚଇତାଳି ଖିଲାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିବେକାନନ୍ଦ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ

**ବନ୍ତ/ଆଗରପଡ଼ା,୧୨ ।୧(ସମିସ):** ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ପାରବନ୍ଧଠାରେ ବିଶ୍ୱାସ ଫାଉଣ୍ଡେସନ ଓ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ମୁଖ୍ୟବକ୍ତା ଭଦ୍ରକ ବିଦ୍ୟୁତ ବିଭାଗ ମୁଖ୍ୟ ନିହାରକାନ୍ତ ଜେନା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ ପତି, ଶିକ୍ଷାବିତ ଅଭୟ ପ୍ରଧାନ, ସରୋଜିନୀ ନାୟକ, ସଂଯୁକ୍ତା ବଳ, ଶଶିକଳା ମିଶ୍ର ପ୍ରମୁଖ ଯୋଗଦେଇ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଯୁବସମାଜ ଅନୁପ୍ରାଣିତ ହେବା ନିତ୍ୟାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଉପସ୍ଥିତ ଅତିଥି ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଫାଉଣ୍ଡେସନର ସଭାପତି ଜିତେନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁକାନ୍ତ ବହେରା ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ୨ଗୋଟି ସଂଗଠନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଅନୁରୂପ ଭାବେ ନିମାପଡା ବିବେକାନନ୍ଦ ଶିଶୁ ମନ୍ଦିର ରେ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହେଇଥିଲା । ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଉଦୟ ନାରାୟଣ ସାହୁ, ସନାତନ ସେଠି, ଶିକ୍ଷକ ପ୍ରତାପ ଚନ୍ଦ୍ର ବିଶ୍ୱାଳଙ୍କ ଶହ କଳିକା ପାଠର ଗୁରୁଜି ଓ ଗୁରୁମା ଯୋଗ ଦେଇଥିଲେ । ଏହି ଅବସରରେ ବେଶ ପ୍ରତିଯୋଗୀତା, ଭାଷଣ ଆଦି ଅନୁଷ୍ଠିତ ହେଇଥିଲା ।



ଧାମନଗର ବ୍ଲକ ବିଜେଡିର କାର୍ଯ୍ୟକାରିଣୀ ବୈଠକ

# ସଂଗଠନ ସୁଦୃଢ଼ ପାଇଁ ଗୁରୁମନ୍ତ୍ର ଦେଲେ ବବି



**ଦୋବଲ,୧୨ ।୧(ସମିସ):** ଧାମନଗର ବ୍ଲକ ବିଜେଡ଼ିର କାର୍ଯ୍ୟକାରିଣୀ ବୈଠକ ମୁସ୍ତାଫାପୁର ପଞ୍ଚାୟତ ଗୋହିରାଟିକିରି ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି) ଯୋଗଦେଇ କର୍ମୀମାନେ ମନୋବଳ ଦୃଢ କରି ଦଳକୁ ମଜଭୁତ କରିବାସହ ଦଳର ଦଲାଲକୁ ବାହାରକରି ନେତା ଓ କର୍ମୀଙ୍କୁ ନେଇ ସଂଗଠନ ମଜଭୁତ କରିବାକୁ ଶ୍ରୀ ଦାସ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧାମନଗର ନିର୍ବାଚନ ମଣ୍ଡଳୀ ନେତା ଡ଼ାକ୍ତର ସଂଜୟ କୁମାର ଦାସ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଧାମନଗର ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା,ଉପାଧକ୍ଷ ଜଗବନ୍ଧୁ ବେହେରା, ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ, ଭଦ୍ରକ ଜିଲ୍ଲାପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ଉପାଧକ୍ଷ ଏମ୍ ଡି ନୁରାନି, ଧୂଷୁରୀ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡ଼ି ବ୍ଲକ ଯୁବ ସଭାପତି ଭାରତ ବିଜୟ ଦଳାଇ, ପୂର୍ବତନ ସରପଞ୍ଚ ଦୟାନିଧି ମିଶ୍ର, ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲ, ଧାମନଗର ନଗର ସଭାପତି ଶୁଶାନ୍ତ ରାଉତ, ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ, ସରପଞ୍ଚ ସରିତା ମହାନ୍ତି, ସୁବାସ ମହାକୁଡ, ନରେନ୍ଦ୍ର ନାରାୟଣ ନାୟକ,ସୀତାକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇ ବର୍ତ୍ତମାନର କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକାଉଛନ୍ତି । ଦୁର୍ନୀତି, ହତ୍ୟା ଓ ନିର୍ଯାତନା ବଢି ଚାଲିଛି ବୋଲି ସରକାରଙ୍କୁ କଟୁ ସମାଲୋଚନା କରିଥିଲେ ।

# ସୁବେଦାର୍ ଗଣେଶ ପ୍ରସାଦଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ,୧୨।୧(ସମିସ):** ନିଜ ଜୀବନକୁ ବଳିଦେଇ ଯେଉଁ ବୀର ଯବାନମାନେ ଦେଶ ମାତୃକାର ସେବାରେ ଜୀବନ ଉତ୍ସର୍ଗ କରିଥାନ୍ତି, ସେମାନେ ଏ ଦେଶ, ଜାତି ପାଇଁ ପ୍ରାତଃ ସ୍ମରଣୀୟ। ଏବେବି ଯେଉଁ ବୀର ଯୋଦ୍ଧାମାନେ କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଘନ ବନାନୀ, ପର୍ବତ ଶିଖର ଓ ହିମାଳୟ ଭଳି ପାଦଦେଶରେ ଗ୍ରୀଷ୍ମ, ବର୍ଷା ଓ ଶୀତକୁ ଖାତିର ନକରି ଅହରହ ସୀମା ସୁରକ୍ଷାରେ ନିୟୋଜିତ ଅଛନ୍ତି, ଆଜିର ଯୁବପିଢି ସେମାନଙ୍କ ତ୍ୟାଗ ଆଦର୍ଶକୁ ପାଥେୟ କରିବା ଉଚିତ୍ ବୋଲି ଆଜି ଭଦ୍ରକ ଜିଲା ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଅବସର ନେଇଥିବା ସୁବେଦାର ଗଣେଶ ପ୍ରସାଦ ନାୟକଙ୍କ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଦୀର୍ଘ ୩୦ ବର୍ଷ ଧରି ସେନା ବାହିନୀରେ ଶୃଙ୍ଖଳିତ ଭାବେ କାର୍ଯ୍ୟ କରି ବୀରତ୍ୱ ସହକାରେ ଅବସର ନେଇଥିବା ଏହି ଜିଲାର ବାସୁଦେବପୁର ଅଧୀନସ୍ଥ ପଦ୍ମପୁର ଗ୍ରାମର ସୁବେଦାର ଗଣେଶ ପ୍ରସାଦ ନାୟକ ଗତ ୩୧ ତାରିଖ ଦିନ ଅବସର ନେଇଥିଲେ । ତାଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଜିଲା ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା । ଆଜି ପୂର୍ବାହ୍ନରେ ସୈନିକ ସଂଘର ସଭାପତି ରୋହିତ ରାୟ, ସଂପାଦକ ଅଶୋକ ପାତ୍ର ଏବଂ ସେନାରେ ଯୋଗଦେଇ ପୂର୍ବରୁ ଅବସର ନେଇଥିବା ସୁବେଦାର ଶ୍ରୀ ନାୟକଙ୍କ ବଡଭାଇ ସୁରେଶ ନାୟକ ପ୍ରମୁଖ ଏକ ଖୋଲା ଜିପ୍‌ରେ ତାଙ୍କୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ବାଗୁରାଇ ସ୍ଥିତ ସଂଘ କାର୍ଯ୍ୟାଳୟ ନିକଟକୁ ପାଛୋଟି ଆଣିଥିଲେ । ସେଠାରେ କର୍ମକର୍ତ୍ତାମାନେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନାର ଉତରରେ ଶ୍ରୀ ନାୟକ ସଂଘ ଓ ସେନା ବାହିନୀର ଉଚ୍ଚ ପଦସ୍ଥ ଅଧିକାରୀମାନେ ତାଙ୍କ ଦୀର୍ଘ ୩୦ ବର୍ଷର କାର୍ଯ୍ୟକାଳ ପାଇଁ ଯେଉଁ ଶୁଭେଚ୍ଛା ଓ ଶ୍ରଦ୍ଧା ଜ୍ଞାପନ କରିଛନ୍ତି, ତାହାକୁ ସେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ମନେ ରଖିବେ ବୋଲି କହିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଶରତ ବେହେରା, ମନୋଜ ଭୂଇଁ, ପ୍ରଶାନ୍ତ ପଣ୍ଡା, ସୁଶାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ ।



ମହାବୀର କପ୍ ରାଜେଶ ବଳ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସୁପର୍ ଓଭରରେ ଜିତି ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିଅନ

**ଭଦ୍ରକ,୧୨।୧(ସମିସ)**

ଚରମ୍ପା ରେଳବାଇ ପଡ଼ିଆରେ ଚାଲିଥିବା ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ ଟାଇରେ ଶେଷ ହେବା ପରେ ସୁପର ଓଭର ମାଧ୍ୟମରେ ମ୍ୟାଚର ଫଳାଫଳ ନିର୍ଣ୍ଣୟ ହୋଇଥିଲା । ସୁପର ଓଭରରେ ଜିତି କଟକର ରାଇଜିଂ ଷ୍ଟୁଡେଣ୍ଟ ଦଳ ଚଳିତ ବର୍ଷ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ ରାଇଜିଂ ଷ୍ଟୁଡେଟଂ ଏବଂ ଇଷ୍ଟକୋଷ୍ଟ ରେଳବାଇ ଭଦ୍ରକ ମଧ୍ୟରେ ଖେଳା ଯାଇଥିଲା । ରାଇଜିଂ ଷ୍ଟୁଡେଟଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ୧୧୭ ରନ କରି ଅଲ୍ ଆଉଟ ହୋଇ ଯାଇଥିଲା । ଦଳ ପକ୍ଷରୁ ପ୍ରତ୍ୟୁଷ ପ୍ରଧାନ ୩୨ ରନ କରିଥିବା ବେଳେ ରେବାଇ ପକ୍ଷରୁ ନୌତମ ଭଞ୍ଜ ୩ଟି ଓ ହର୍ଷିତ ରାଥୋଡ ୨ଟି ଉଇକେଟ ନେଇଥିଲେ । ୧୧୮ ରନ ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟ ଇନିଂସ୍‌ରେ ବ୍ୟାଟିଂ କରିଥିବା ରେଳବାଇ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୧୭ ରନ କରି ମ୍ୟାଚକୁ ଟାଇ କରିବାକୁ ସକ୍ଷମ ହୋଇଥିଲା । ଫଳରେ ସୁପର ଓଭର ଖେଳା ଯାଇଥିଲା । ସୁପର ଓଭରରେ ଇଷ୍ଟକୋଷ୍ଟ ରେଳବାଇ ଦଳ କୌଣସି ରନ ନକରି ୨ଟି ଉଇକେଟ ହରାଇଥିବା ବେଳେ ରାଇଜିଂ ଷ୍ଟୁଡେଟଂ କୌଣସି ଉଇକେଟ ନ ହରାଇ ଚୌକା ମାରି ମ୍ୟାଚକୁ ଜିତି ନେଇଥିଲା । ପୁରସ୍କାର ବିତରଣ ଉତ୍ସବରେ ତୋଷାଳୀ ସୁଜୁକୀର ସତ୍ତ୍ୱାଧିକାରୀ ଗୌରାଙ୍ଗ ଚନ୍ଦ୍ର ସାମଲ, ପୂର୍ବତନ ରଣଜୀ ଖେଳାଳୀ ବସନ୍ତ ମହାନ୍ତି, ଅଶୋକ ଗୁପ୍ତା ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି, ପୁରସ୍କାର ରାଶି ପ୍ରଦାନ କରିଥିଲେ ।

ଅମ୍ପାୟାର ଭାବେ ଲଲାଟ କୋଶରୀ ନନ୍ଦ ଏବଂ ରଞ୍ଜନ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ କରଣ ଖାନ୍ ସ୍କୋରର ଥିଲେ । ଶ୍ରୀଧର ମିଶ୍ର, ମୃଣ୍ମୟ ତ୍ରିପାଠୀ, ବିଭୁଦତ ନାୟକ, ଚନ୍ଦନ ନାୟକ ପ୍ରମୁଖ ଟୁର୍ଣ୍ଣାମେଂଟ ପରିଚାଳନା କରିଥିଲେ ।



# ପ୍ରାଧ୍ୟାପକ ଦାମୋଦର ସାହୁଙ୍କ ବାର୍ଷିକ ସ୍ମୃତିସଭା



**ଭଦ୍ରକ,୧୨ ।୧(ସମିସ):** ଜଣେ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ ଶିକ୍ଷାବିତ୍ ତଥା ଭଲ ମଣିଷ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଭାଗବତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ପଦାର୍ଥ ବିଜ୍ଞାନୀ ପ୍ର. ଦାମୋଦର ସାହୁଙ୍କ ୬ଷ୍ଠ ବାର୍ଷିକ ଶ୍ରାଦ୍ଧୋତ୍ସବ ଓ ସ୍ମୃତି ସଭାରେ ମତ ପ୍ରକାଶ ପାଇଛି । ଶିକ୍ଷାବିତ୍ ହରମୋହନ କୁଅଁରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟଅତିଥି, ବିଜ୍ଞାନ ଲେଖକ ଡା. ଦୁର୍ଯ୍ୟୋଧନ ଦାସ ମୁଖ୍ୟବକ୍ତା ଏବଂ ପ୍ର. ଗୋଲୋକ ବିହାରୀ ସାହୁ ଓ ଶାନ୍ତନୁ କୁମାର ରାଉତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ସାହୁଙ୍କ ଜୀବନ ଓ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ସ୍ମୃତି ସଂସଦର ସମ୍ପାଦକ ଡ. ରାଧାରାଣୀ ମହାପାତ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ଅଧିବକ୍ତା ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଡ. ରାମଚନ୍ଦ୍ର ନାୟକଙ୍କୁ 'ଦାମୋଦର ସାହୁ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା । ଶ୍ରୀ ନାୟକଙ୍କ ପୁତ୍ର ରୋ. ଅଭିଜିତ୍ ନାୟକ ଏହି ସମ୍ମାନ ଗ୍ରହଣ କରିଥିଲେ । ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ବାବୁଲାଲ ଦାସ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଚୈତାଳୀ ଖିଲାର। ସଂସଦର ଆବାହକ କୈଳାସ ଚନ୍ଦ୍ର ପଣ୍ଡା, ପ୍ର. ମଧୁଶ୍ରୀ ବେହେରା ଓ ବିଜୟ ବହଳୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

